ପରମାର୍ଥୀ~~~~ P.O. Regn. No. CK(C)-51/2019-2021

ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ
ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ॐ ପରମାର୍ଥୀ ॐ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂଭୃତମ୍ ।
ପୁନନ୍ତି ତେ ବିଷୟ ବିଦୂଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

୭୪ ବର୍ଷ ଗୌରାବ୍ଦ ୫୩୪ ଚୈତ୍ର/ବୈଶାଖ ପୂର୍ଣ୍ଣିମା-ଅପ୍ରେଲ/ମଇ-୨୦୨୦ ସଂଖ୍ୟା ୨-୩

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଆଚାର୍ଯ୍ୟ ମର୍ଯ୍ୟାଦା | ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର | ୭ |
| ୩- ଓଡ଼ିଶା ଓ ଶ୍ରୀଚୈତନ୍ୟଦେବ | ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ | ୯ |
| ୪- ସପ୍ତ ପାତାଳ | ସଦାଶିବ ପଣ୍ଡା | ୧୨ |
| ୫- ଶ୍ରୀମଦ୍ ଭକ୍ତି ସୁହୃଦଙ୍କର ବିରହ ତିଥିରେ | ଶ୍ରୀ ପ୍ରବୋଧାନନ୍ଦ ଦାସାଧିକାରୀ | ୧୪ |
| ୬- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୫ |




# ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା

**ବିଷୟ- ଶ୍ରୀଭଗବାନଙ୍କର ଲୀଳାକଥା ଶ୍ରବଣ ହିଁ ସଂସାରସିନ୍ଧୁ ଉତ୍ତୀର୍ଣ୍ଣ ହବାର ଉପାୟ**

**"ଶ୍ରୀ ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଶ୍ରୀମଦ୍ ଭାଗବତର ନବନୀତ-ସାର"**

ସ୍ଥାନ- ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩ (ଇଂ.୧୧/୧/୬୦)

ପରମାରାଧ୍ୟତମ ଶ୍ରୀ ଶ୍ରୀ ଗୁରୁ ପାଦପଦ୍ମଙ୍କର କୃପା - ପ୍ରାର୍ଥନା ମୁଖେ ଶ୍ରୀ ଉର୍ଜାବ୍ରତ କାଳେ ଶ୍ରୀ ଦାମୋଦର - ମାସେ ଶ୍ରୀ ଗୋବର୍ଦ୍ଧନ ଲୀଳା ମହୋତ୍ସବରେ କିଛି ଭାଗବତ କଥା ଶ୍ରବଣ କରୁଛି ।

ଶ୍ରୀ ଶୁକଦେବ ଗୋସ୍ୱାମୀ ସମସ୍ତ ଶ୍ରୀମଦ୍ ଭାଗବତ କହିବା ପରେ ଉପସଂହାରରେ ଯେଉଁ ସାର କଥାଟି କହିଛନ୍ତି ତାହା ଅନୁଧାବନ ଯୋଗ୍ୟ ।

"ସଂସାର ସିନ୍ଧୁ ମତି ଦୁସ୍ତର ମୁର୍ତ୍ତିତୀ ର୍ଯୋ-
ର୍ନାମ୍ୟଃ ପ୍ଲବୋ ଭଗବତଃ ପୁରୁଷୋତ୍ତମସ୍ୟ ।
ଲୀଳାକଥାରସ ନିଷେବଣ ମନ୍ତରେଣ
ଫୁସୋଭବେଦ୍ଵିବିଧ ଦୁଃ ଦବାର୍ଦ୍ଦିତସ୍ୟ । ଶ୍ରୀ.ଭ. ୧୨/୪/୪/

ସଂସାର ହେଲା ଭବସାଗର । ସଂସାର ରୂପ ଦୁସ୍ତର ଭବ ସମୁଦ୍ର ପାର ହୋଇଯିବା ଅତି ଦୁଃସାଧ୍ୟ । ସଂସାରର ନାନା ରକମ Problems (ସମସ୍ୟା) ନାନାଘଟଣା ଅତିକ୍ରମ କରିବା ଅତୀବ କଠିନ । ଉତ୍ତାଳ ତରଙ୍ଗ ସଂକୁଳ ଭବ ସମୁଦ୍ରରେ ସମସ୍ୟାର ପରେ ସମସ୍ୟା ଅଭିର୍ଭୂତ ହୁଏ । ଏଠାରେ ସଂସାରକୁ ସାଗର ସଂଗେ ତୁଳନା କରାଯାଇଛି । ସାଗର ଯେଭଳି ବିଶାଳ ଓ ଦୂରତିକ୍ରମ୍ୟ, ସଂସାରଟି ମଧ୍ୟ ଠିକ୍ ସେହିଭଳି ଦୁସ୍ତରଣୀୟ । ସାଗର ପାରହେବା କଠିନ, ସନ୍ତରଣ କରିପାର ହୋଇପାରେନା; ସେହି ଭଳି ସଂସାର ନାନା ଘଟଣାର ସମାବେଶର ଭୟାବହତା ଓ ଭୀଷଣତାରେ ସମାଛନ୍ନ । ପବୁରୁଷାକାର କିମ୍ବା ପରୋପକାର ଦ୍ଵାରା ଭବସମୁଦ୍ର ପାର ହେବା ଅସମ୍ଭବ ।

ପୁରୁଷାକାର ଦ୍ଵାରା ସଂସାରର ଘଟଣାକୁ ଉତ୍ତୀର୍ଣ୍ଣ ହୋଇଯିବ, Physical (ଶାରୀରିକ) Mental (ମାନସିକ) Ethical (ଆଧ୍ୟାତ୍ମିକ) Labour (ଶ୍ରମ) - ଏହାଦ୍ଵାରା ସଂସାରର problems (ସମସ୍ୟା) ସମାଧାନ କରିନେବ ଏଭଳି ହୁଏନା । ସଂସାର Full of problems (ସମସ୍ୟାପୂର୍ଣ୍ଣ), କେହି ଯଦି ମନେକରେ ଦୈହିକ ମାନସିକ ଆଧ୍ୟାତ୍ମିକ, ଆଧିଦୈବିକ ପ୍ରଭୃତି ନାନା Problems ମାନସିକ ଚାତୁର୍ଯ୍ୟ ବା ପାଣ୍ଡିତ୍ୟ ପ୍ରଭୃତିର ଦ୍ଵାରା overcome (ଅତିକ୍ରମ) କରାଯିବ, ତା ହେଲେ ସେ ଭୁଲ କରିବ ।

ଏ ସଂସାର ବା ଏ ଜୀବନଟା କଠିନ, କଷ୍ଟକର, ଯନ୍ତ୍ରଣାଦାୟକ ପ୍ରତି ମୁହୁର୍ତ୍ତେ ତାହା ଅନୁଭବ କରାଗଲା । କିନ୍ତୁ ଏ କାଠିନ୍ୟ, ଏ ଦୁସ୍ତରତାରୁ ଉଦ୍ଧାର ହେବାର ପଥ କଅଣ ? ଦୁସ୍ତର ଭବ ସମୁଦ୍ର ପାର ହେବାର ଉପାୟ ଯଦି କେହି କହି ଦେଇପାରେ, କିମ୍ବା ସମସ୍ତ problems, ଏହାର solution (ସମାଧାନ) ଜାଣିପାରେ, ତେବେ ମାନବ ଏ ବିଷମ ବିପଦରୁ ଉଦ୍ଧାର ପାଏ । ଯଦିତ କେହି ଏ ଦୁସ୍ତର ଭବସାଗର ପାର ହେବାକୁ ଇଚ୍ଛା କରେ ତାର ପକ୍ଷେ ଅନ୍ୟ କୌଣସି ଭେଳା ବା 'ପ୍ଲବ' ବା ଜାହାଜ ନାହିଁ । ନିଜେ ସନ୍ତରଣ କରି କିମ୍ବା ପକ୍ଷୀ ଭଳି ଡେଣା ମେଲାଇ ପାର ହୋଇଯିବ - ଅର୍ଥାତ୍ ପୁରୁଷାକାର ଦ୍ଵାରା ପାର ହୋଇଯିବ, ତା ସମ୍ଭବ ନୁହେଁ । ନିଜର ଶତ ଚେଷ୍ଟା ବା ପୁରୁଷାକାର ଦ୍ଵାରା ଏ ଭବ ସମୁଦ୍ରକୁ ପାର ହୋଇ ହୁଏନା; ଏହା ନିଗୁଢ଼ ସିଦ୍ଧାନ୍ତ । ଭବ ସମୁଦ୍ର ପାର ହେବା ଇଚ୍ଛୁକ ଜୀବକୁ ଅନ୍ୟ କିଛି ଆଶ୍ରୟ ଗ୍ରହଣ କରିବାକୁ ହେବ ।

ଏ ଆଶ୍ରୟର ମାଧ୍ୟମେ ସାଗରର ଉତ୍ତାଳ ତରଙ୍ଗ ଅତିକ୍ରମ କରି ଉତ୍ତୀର୍ଣ୍ଣ ହୋଇପାରିବେ । ଜୀବ ନିଜର ଚେଷ୍ଟା ଦ୍ଵାରା ସଂସାରର ସମସ୍ୟାକୁ solve (ସମାଧାନ କରିପାରେନା, ପାରିବେ ଓ ନାହିଁ । କିନ୍ତୁ ଏଟା ମଧ୍ୟ ଉପଲବ୍ଧି କରିବାକୁ ହେବ - ଯେ କୌଣସି ପ୍ଲବ ହେଲେ ହେବ ନିଁ । ନିଜେ ଚେଷ୍ଟା କରୁନ - ଆଶ୍ରୟ ଧରିଚ; କିନ୍ତୁ ଆଶ୍ରୟି ହୁଏତ କଦଳୀ

ଗଛର ଭେଳା, କିମ୍ବା ହୁଲିଡଙ୍ଗା, କିମ୍ବା ନୌକା Stemer ଷ୍ଟୀମାର । ଜୀବ ନିଜର ଚେଷ୍ଟାରେ ପାରିବ ନାହିଁ – ଏକଥା ଯେପରି ସତ୍ୟ, ସେଭଳି ଅପଟୁ ଆଶ୍ରୟ ଧରିଲେ ହେବ ନହିଁ – ଏକଥାଟି ନିରାଟ ସତ୍ୟ । ଯଦି କେହି ଭାବେ ପରଉପକାର ଦ୍ୱାରା, କିମ୍ବା humantarian service (ମାନବ ସେବା), hospital, school, ପ୍ରଭୃତି ଦ୍ୱାରା ସଂସାର ଉତ୍ତୀର୍ଣ୍ଣ ହୋଇଯିବ, ସେ ଭୁଲ କରିବ । ପରହିତ ଧର୍ମ ହୁଲି ଡଙ୍ଗା ପରି – ଏହା ଉପରେ ନିର୍ଭର କରି ଆରପାରିକୁ ଯିବା ଚଳିବ ନାହିଁ, ସଂସାରର ଯାବତୀୟ ସମସ୍ୟା କର୍ମ ଦ୍ୱାରା, ଜ୍ଞାନ ଦ୍ୱାରା ସମାଧାନ ହେବ ନାହିଁ । ଏ ଯାତୀୟ ଭେଳା edequate ବା complement – ହେବ ନାହିଁ । କର୍ମକାଣ୍ଡର କ୍ରିୟା, ଧର୍ମପାଳନ ଇତ୍ୟାଦି ଦ୍ୱାରା ସଂସାର ଜୟ କରିହେବ ନାହିଁ । କେବଳ ମାତ୍ର ଭଗବାନ ପୁରୁଷୋତ୍ତମଙ୍କର ଲୀଳାମୃତ ପାନ କରିବା ଛଡ଼ା ଅନ୍ୟ କୌଣସି 'ପ୍ଲବ' ନାହିଁ ।

ଶ୍ରୀ ଭଗବାନ ପୁରୁଷୋତ୍ତମଙ୍କର ଲୀଳାମୃତ ପାନ ହିଁ ଭବସିନ୍ଧୁ ଉତ୍ତୀର୍ଣ୍ଣ ହବାର ଉପାୟ ।

ସେ ଲୀଳା ପୁରୁଷୋତ୍ତମ ଶ୍ୟାମସୁନ୍ଦର, ଦ୍ୱିଭୁଜ ମୂରଲୀଧାରୀ କୃଷ୍ଣଚନ୍ଦ୍ର ।

"ଏକଲା ଈଶ୍ୱର କୃଷ୍ଣ ଆର ସବ ଭୃତ୍ୟ" (ଶ୍ରୀ. ଚୈ ଚ. ଆ. ୫/୧୪୨)

ପ୍ରଭୁ କହିଲେ କୃଷ୍ଣଚନ୍ଦ୍ର, ସେ ଏକା ପୁରୁଷ, ଆଉ ସବୁ ପ୍ରକୃତି । ସେଇ ପୁରୁଷୋତ୍ତମଙ୍କର ଲୀଳା କଥା ଏ ଜଗତରେ କିମ୍ବା ବୈକୁଣ୍ଠ ଧାମରେ ପ୍ରକାଶିତ ରହିଛି । ପ୍ରକଟ ଧାମରେ ଏ ମର୍ତ୍ତ୍ୟ ପୃଥିବୀରେ ଅପ୍ରାକୃତଧାମ ଗୋଲୋକରେ ଯେ ସବୁ ଲୀଳା, କ୍ରିୟାକଳାପ ପ୍ରକାଶ କରିଛନ୍ତି; ସେ ଲୀଳାମୃତ ରସର ସିଂଚନେ ଭବସିନ୍ଧୁ ଉତ୍ତୀର୍ଣ୍ଣ ହୋଇଯାଏ । ଐକାନ୍ତିକ ଭାବେ ଲୀଳାମୃତ ପାନ ବ୍ୟତିତ ଅନ୍ୟ କୌଣସି ଉପାୟ ବା ଭେଳା ବା ଆଶ୍ରୟ ନାହିଁ । ଯଦି କେହି ଏ ସଂସାର ସମୁଦ୍ର ପାର ହେବାକୁ ଚାହେଁ, ସଂସାର ତାପତ୍ରୟରୁ ଉତ୍ତୀର୍ଣ୍ଣ ହେବାକୁ ଚାହେଁ, ଦୁଃଖ ଦାରିଦ୍ର୍ୟ, ବ୍ୟାଧି, ଶୋକକୁ ଜୟ କରିବାକୁ ଚାହେଁ, ତା ହେଲେ ସାରା ଜୀବନ ବସି ପରୋପକାର କଲେ ଚଳିବ ନାହିଁ । ଏଥିରେ ସଂସାରକୁ ଜୟ କରାଯାଏନା – ଏ ଗୋଟିଏ hard fact; ଅପ୍ରିୟ ସତ୍ୟକଥା ।

ଏଥର ଲୀଳା କହିଲେ କ'ଣ ବୁଝାଯାଏ । ତାହା ଅନୁଧାବନ କରାଯାଉ । ତାର ନାମ ତାର ନାମର ପ୍ରକାଶ – ଏଟା ତା'ର ଲୀଳା । କୃଷ୍ଣ, ହରି, ଗୋବିନ୍ଦ, ମୁକୁନ୍ଦ ଇତ୍ୟାଦି ତାଙ୍କ ନାମ । ଏନାମେ ଅଭିହିତ କରିଲେଏ ଏ ନାମରେ ତାଙ୍କୁ ଡାକିଲେ ସେ ଶୁଣନ୍ତି । ସେ ଇସାରା ଦିଅନ୍ତି । ତାଙ୍କର ରୂପର ପ୍ରକାଶ ଏଟାଓ ଲୀଳା । ଦ୍ୱିଭୂଜ ମୂରଲୀଧର, ପୀତାମ୍ବର, ଶ୍ୟାମ ଇତ୍ୟାଦି ତାଙ୍କ ରୂପ ମାଧୁରୀର ପ୍ରକାଶ ତାଙ୍କ ଗୁଣ ଓ ଲୀଳାର ପ୍ରକାଶ । ସେ ଦୟାଳ – କ୍ଷମାଶୀଳ, ପ୍ରେମିକ ଓ ସ୍ନେହପ୍ରବଣ । ତାଙ୍କର ପରିକର ଅଛନ୍ତି, ସେବକ ସେବିକା ଅଛନ୍ତି; ଏଇଟା ମଧ୍ୟ ତାର ଲୀଳା, ଭଙ୍ଗୀ । ଏଇଯେ ନାମବାନ୍, ରୂପବାନ୍, ଗୁଣବାନ, ପରିକର ବାନ ଭଗବାନଙ୍କର କଥାମୃତ ପାନ କରିଲେ ହୃଦୟରେ ତେଜ, ବୀର୍ଯ୍ୟ, ଶକ୍ତି ଭରିଆସେ । ତାଙ୍କ ନାମରେ, ରୂପରେ, ଗୁଣରେ, ଲୀଳାରେ ଓ ପରିକର ଜୀବର Melancholia (ବିଷାଦ) କଟିଯାଏ । Letharty ବିନାଶ କରେ । ସେ ରସମୟ, ଅଖିଳ ରସାମୃତ ମୂର୍ତ୍ତି – ସେ ଅମୃତ; ସେ ନିତ୍ୟ, ଆନନ୍ଦସ୍ୱରୂପ, ସେ ଶାନ୍ତ ଶିବ ସୁନ୍ଦର । ଭଗବାନ dynamic ବସ୍ତୁ ତାର କଥା ଚିନ୍ତା କରିଲେ, ସୌନ୍ଦର୍ଯ୍ୟର ସଂସ୍ପର୍ଶରେ ଆସିଲେ ଜୀବ ଆନନ୍ଦ ସାଗରେରେ ବୁଡ଼ିଯାଏ ।

ଲୀଳାରୂପୀ ଭଗବାନ -

"ପ୍ରତିମା ନହତୁମି ସାକ୍ଷାତ ବ୍ରଜେନ୍ଦ୍ର - ନନ୍ଦନ" (ଶ୍ରୀ ଚୈ.ଚ.ମ. ୫/୯୬)

ଭଗବାନ ରୂପ ନିଜକୁ represent କରେନା; ସାକ୍ଷାତ ଭଗବାନ । ନାମନାମୀରେ ଭେଦ ନାହିଁ, ନାମର ରୂପୀ ସେ; ରୂପ -ରୂପୀ ସେ । ରୂପ-ରୂପୀରେ ଭେଦ ନାହିଁ । ଏଇ ଯେନାମାମୃତ, ଲୀଳାମୃତ ପରିକାରାମୃତ, ସବୁ ହିଁ ମୃତ୍ୟୁକୁ, ଅଚେତନତାକୁ ନାଶ କରେ । ଭଗବାନ ଯେଉଁଠି, ସେଠି ଅଶୋକ, ଅଭୟ, ଅମୃତ ସର୍ବକ୍ଷଣ ବିରାଜିତ । ତାଙ୍କ ନାମ, ରୂପ, ଗୁଣ, ଲୀଳା ଓ ପରିକର ସବୁ ହିଁ ଅମୃତ ।

ଭଗବତ୍ - ରସାମୃତ ବ୍ୟତୀତ ସଂସାର ପାର ହେବା ପାଇଁ କୌଣସି ପ୍ଲବ ନାହିଁ । ଭବାବ୍ଧିର ମଧ୍ୟେ ଯେଉଁମାନେ ପଡ଼ିଛନ୍ତି, ସେମାନେ ଅନ୍ୟ ଯେକୌଣସି ଚେଷ୍ଟା କରନ୍ତୁ ନା କାହିଁକି; ଅର୍ଥାତ୍ କର୍ମ ଓ ଜ୍ଞାନର ଯେତେ ଅନୁଶୀଳନ କରୁନା କାହିଁକି, ସଂସାର ପାର ହୋଇ ବୈକୁଣ୍ଠ ଲାଭ କରିପାରିବେ ନାହିଁ । ଶୁଦ୍ଧ ଜ୍ଞାନ ଦ୍ୱାରା ସଂସାର ପାର ହୋଇ ପାରେ । ବ୍ରହ୍ମ ନିର୍ବାଣ ପ୍ରାପ୍ତି ହୁଏ, କିନ୍ତୁ ବୈକୁଣ୍ଠ ଲାଭ ହୁଏନା । କର୍ମଜ୍ଞାନ Sea going vessel ସମୁଦ୍ରରେ ଭାସମାନ ଜାହାଜ ନୁହେଁ - ଏକଥା ହୃଦୟଙ୍ଗମ କରିବାକୁ ହେବ । ଭଗବତ୍ ଲୀଳା କଥାର ରସପାନ ହିଁ ସଂସାର ପାର ହେବାର ଉପାୟ । ବୀରଜା, ବ୍ରହ୍ମଲୋକ ଜ୍ଞାନଦ୍ୱାରା ଭେଦ କରାଯାଇପାରେ; କିନ୍ତୁ ବୈକୁଣ୍ଠକୁ ଯିବାକୁ ହେଲେ ଭକ୍ତିର ଚରଣେ ଆଶ୍ରୟ - ଗ୍ରହଣ ଏକାନ୍ତ ପ୍ରୟୋଜନ । ଭକ୍ତ୍ୟାମୃତ ବ୍ୟତୀତ ବୈକୁଣ୍ଠ ଯାତ୍ରା ହେବ ନାହିଁ । ଜ୍ୟାନ ଦ୍ୱାରା ନିର୍ଭେଦ ବ୍ରହ୍ମାନୁସନ୍ଧାନ ହୋଇପାରେ; କିନ୍ତୁ ବୈକୁଣ୍ଠରେ ବାସ ଏହାଦ୍ୱାରା ହେବ ନାହିଁ ।

ସେ ଲୀଳାମୃତ ସମୁଦ୍ରରେ ବୁଡ଼ ଦେଲେ ସଂସାର ସମୁଦ୍ର ପାର ହୋଇଯାଏ । ଲୀଳାମୃତ ସେବନ ଦ୍ୱାରା ନିତ୍ୟ ପାର୍ଷଦ କିମ୍ବା ପରିକର ହୋଇଯାଏ । ନାନା ପ୍ରକାର ଦୁଃଖ ଦାବାନଳ ଦ୍ୱାରା କ୍ଲିଷ୍ଟ ଉତ୍ପୀଡ଼ିତ ଜୀବର ଅନ୍ୟ କୌଣସି ପ୍ଲବ (ଭେଳା), ନାହିଁ । ପାଣ୍ଡିତ୍ୟର ଭିତର ଦେଇ, ପ୍ରଚୁର ଅର୍ଥୋପାର୍ଜନ ଦ୍ୱାରା ଜୀବନର ସବୁ ସମସ୍ୟା ମେଣ୍ଟିଯାଏ ନାହିଁ । ଏକମାତ୍ର ଭଗବଦ୍ଧାନୁଶୀଳନ ଛଡ଼ା ଜୀବର ଅନ୍ୟ କୌଣସି ଉପାୟ ନାହିଁ । ଏହାହିଁ categorical statement (ନିଃସର୍ତ୍ତସିଦ୍ଧାନ୍ତ) definite statement (ସ୍ୱଷ୍ଟସିଦ୍ଧାନ୍ତ) ଏହି peculiar (ବିଚିତ୍ର) ଶିକ୍ଷା ହିଁ ଶ୍ରୀମଦ୍ ଭାଗବତର ଶିକ୍ଷା । ଶ୍ରୀମଦ୍ ଭାଗବତ ଆଉ ଗୋଟିଏ ଜାଗାରେ ଠିକ୍ ଏଇ କଥାହିଁ କହିଛନ୍ତି -

"ଜୀବସ୍ୟଯଃ ସଂସରତୋ ବିମୋକ୍ଷଣନ<br>
ଜ୍ଞାନ ତୋଽନର୍ଥ ବହାଚ୍ଛବୀରତଃ<br>
ଲୀଳାବତାରୈଃ ସୋଯଶ ପ୍ରଦୀପକଂ<br>
ପ୍ରାଜ୍ୱାଳୟତ ତ୍ୱାଂ ତମହଂ ପ୍ରପଦ୍ୟେ (ଶ୍ରୀ ଭା. ୧୦/୭୦/୫୯)

*କ୍ରମଶଃ*

=====

# ଆଚାର୍ଯ୍ୟ ମର୍ଯ୍ୟାଦା

ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର



ସ୍ୱୟଂ ଆଚରଣ କରି ବଦ୍ଧଜୀବଙ୍କୁ ଭକ୍ତି ଶିକ୍ଷା ଦେବା ଯାହାଙ୍କ କାର୍ଯ୍ୟ ସେ ହେଉଛନ୍ତି ଆଚାର୍ଯ୍ୟ । ଏଭଳି ଆଚାର୍ଯ୍ୟ ସାଧାରଣତଃ ଦୁଇ ଭାବରେ ଆମ୍ଭମାନଙ୍କ ନିକଟକୁ ଆସନ୍ତି । ଏକ ଈଶ୍ୱର ପ୍ରେରିତ ବୈକୁଣ୍ଠଦୂତ, ଅନ୍ୟ ଜଣକ ଏଭଳି ଆଚାର୍ଯ୍ୟଙ୍କର ଆମାୟିକ କୃପାପ୍ରାପ୍ତ ଆଚରଣୀଶୀଳ ବୈଷ୍ଣବ । ଅର୍ଥାତ୍ ଏକ ଜଣ ନିତ୍ୟ ସିଦ୍ଧ ଆଉ ଅନ୍ୟ ଜଣେ ସାଧନ ସିଦ୍ଧ । ଏମାନଙ୍କ ମଧ୍ୟରୁ ଯେକୌଣସି ଜଣକ ହିଁ ଆଚାର୍ଯ୍ୟ ଆସନରେ ଉପବିଷ୍ଟ ହେଉନ୍ତୁ ନା କାହିଁକି ତାଙ୍କର ମର୍ଯ୍ୟାଦା ରକ୍ଷଣ ମନୁଷ୍ୟମାନଙ୍କର ପ୍ରଧାନ କାର୍ଯ୍ୟ । ଆଚର୍ଯ୍ୟଙ୍କର ଆସନ ଈଶ୍ୱରଦତ୍ତ ଓ ତତ୍‌କର୍ତ୍ତୃକ ସଂରକ୍ଷିତ । ସୁତରାଂ ଏଇ ଆସନର ଭାରିତ୍ୱ ବା ଗୁରୁତ୍ୱ ରହିଛି । ଯିଏ ଉକ୍ତ ଆସନରେ ଉପବିଷ୍ଟ ହୁଅନ୍ତୁ ସାଧକ ଜୀବନିମନ୍ତେ ତାଙ୍କର ଗୁରୁତ୍ୱ କୌଣସି ପ୍ରକାର ପରିମାପଯୋଗ୍ୟ ହୁଏନା । ଯେ ଆଚାର୍ଯ୍ୟ ସେ ଗୁରୁ ଓ ଭାରୀ । ତାଙ୍କ ଗୁରୁତ୍ୱର ମାପକାଠି ସାଧକ ଜୀବ ନିକଟରେ ନାହିଁ । କେବଳ ଆଚାର୍ଯ୍ୟୋଚିତ ମର୍ଯ୍ୟାଦା, ଶ୍ରଦ୍ଧା, ପ୍ରେମ, ପ୍ରୀତିର ପଉଣାଦାର ।

ବିଶେଷତଃ ଭକ୍ତିରାଜ୍ୟରେ ଶ୍ରୀହରିଙ୍କ ମର୍ଯ୍ୟାଦା ଅପେକ୍ଷା ଆଚାର୍ଯ୍ୟଙ୍କ ମର୍ଯ୍ୟାଦା ଅନେକ ବେଶୀ । ଏ ଜଗତରେ ଭକ୍ତିର ଧାରା ବା ପ୍ରବାହ ଯାହା କିଛି ଲକ୍ଷିତ ହୁଏ ବା ସଂରକ୍ଷିତ ହୁଏ ତାହା ସବୁ କିଛି ଆଚାର୍ଯ୍ୟଙ୍କ ମାଧ୍ୟମରେ । ଏହି ଜଡ଼ ବ୍ରହ୍ମାଣ୍ଡରେ ଭଗବାନଙ୍କର ଚିନ୍ମୟ ବିଳାସର ସଂରକ୍ଷକ ହିଁ ଆଚାର୍ଯ୍ୟ । "ଆଚାର୍ଯ୍ୟଂ ମାଂ ବିଜାନୀୟାତ୍ ନ ଅବମନ୍ୟେତ୍ କର୍ହିଚିତ୍" – ଶ୍ରୀକୃଷ୍ଣଙ୍କ ଏଇ ଉକ୍ତି ଦ୍ୱାରା ଜଗତରେ ଆଚାର୍ଯ୍ୟ ମର୍ଯ୍ୟାଦା ସଂରକ୍ଷିତ ହୋଇଛି । ସ୍ୱୟଂ ଶ୍ରୀକୃଷ୍ଣ ଜୀବ ପ୍ରତି କୃପାପରବଶ ହୋଇ ଆଚାର୍ଯ୍ୟ ମୂର୍ତ୍ତି ଧାରଣ କରନ୍ତି । ଆଚାର୍ଯ୍ୟ ବାହ୍ୟତ ଶ୍ରୀକୃଷ୍ଣଙ୍କର ସେବକ ଅଭିମାନୀ ହେଲେ ମଧ୍ୟ ମର୍ଯ୍ୟାଦା ପାଇବାର କ୍ଷେତ୍ରରେ କୃଷ୍ଣଙ୍କ ପୂର୍ବରୁ ସେ । କାହିଁକିନା ତାଙ୍କ ମାଧ୍ୟମରେ କୃଷ୍ଣଙ୍କ ନିକଟକୁ ଜୀବର ଯାତ୍ରା । ସେଥିପାଇଁ ତାଙ୍କର ମର୍ଯ୍ୟାଦା ଆଗେ । ଏଇସିଦ୍ଧାନ୍ତର କୌଣସି ବ୍ୟତିକ୍ରମ ଚଳିବ ନାହିଁ । ସେ କ୍ଷେତ୍ରରେ ସାଧକଜୀବ ଅସୁବିଧାରେ ପଡ଼ିବାକୁ ବାଧ୍ୟ ।

ଆଚାର୍ଯ୍ୟଙ୍କର ମର୍ଯ୍ୟାଦା କାହିଁକି ଏତେ ଉର୍ଦ୍ଧ୍ୱରେ ? ଯଦି ଭକ୍ତିପଥର ପଥିକର ମନରେ କୌଣସିଦିନ ଏଇ ଧରଣର ପ୍ରଶ୍ନ ଜାଗେ ତାହେଲେ ତାକୁ ଅନେକ ବେଶୀ ବିଚାରଶୀଳ ହେବାକୁ ହେବ । ତତ୍ତ୍ୱବିଦ୍‌ଗଣଙ୍କର ଏଇବିଚାର । ଭଗବାନ ଦ୍ୱୟଂ ଏଇ ସିଦ୍ଧାନ୍ତ ସ୍ଥାପନ କରିଛନ୍ତି । ଶ୍ରୀହରି ଅବତାରରେ ଭଗବାନ ଯେଉଁ ଗଜେନ୍ଦ୍ର ମୋକ୍ଷଣ ଲୀଳା କରିଥିଲେ ସେଇ ଗଜେନ୍ଦ୍ର ପୂର୍ବ ଜନ୍ମରେ ଇନ୍ଦ୍ରଦ୍ୟୁମ୍ନ ରାଜା ଥିଲେ । ଗୁରୁଙ୍କର ଅମର୍ଯ୍ୟାଦା ଫଳରେ ବିରୂପ ଭାବରେ ତାଙ୍କୁ ହାତୀ ଜନ୍ମ ଲାଭ କରିବାକୁ ବାଧ୍ୟ କରିଥିଲା ନିଶ୍ଚୟ ତାହା ଆମ୍ଭମାନଙ୍କୁ ଅଜଣା ନାହିଁ । ତା'ଛଡ଼ା ଗ୍ରନ୍ଥରାଜ ଶ୍ରୀମଦ୍ ଭାଗବତରେ ସ୍ୱୟଂ ଭଗବାନଙ୍କ ଉକ୍ତିରେ ପାଉଁ – "ମଦ୍ଭକ୍ତପୂଜାଭ୍ୟଧିକା ସର୍ବ୍ବେ- ଭୂତେଷ୍ଣୁମନ୍ମତି" । "ମୋର

ଭକ୍ତର ପୂଜା ମୋ ଠାରୁ ବଡ଼ (ଆମାର ଭକ୍ତେର ପୂଜା ଆମା ହଇତେ ବଡ଼) - ଶ୍ରୀଚୈତନ୍ୟ ଭାଗବତର ଏଇବାଣୀ ମଧ୍ୟ ଆମ୍ଭମାନଙ୍କ ସମ୍ମୁଖରେ ଜାଜ୍ୱଲ୍ୟମାନ ହୋଇ ରହିଛି । ଏଇ ସମସ୍ତ ବାଣୀର ପୁଂଖାନୁପୁଂଖ ବିଚାର ଆବଶ୍ୟକ । ଭକ୍ତି ଜଗତରେ ଗୁରୁଙ୍କର ମର୍ଯ୍ୟାଦା ପ୍ରାଧାନ୍ୟ ଲାଭ କରିଛି ଏଇ ସବୁ କାରଣରୁ ।

ଆଚାର୍ଯ୍ୟ ଭଗବାନ ନୁହଁନ୍ତି କିନ୍ତୁ ଶିଷ୍ୟ ନିକଟରେ ଭଗବାନଙ୍କଠାରୁ ଅଧିକ ଶ୍ରେଷ୍ଠ ଓ ପୂଜ୍ୟ । ସେ ଈଶ୍ୱରଙ୍କ କୃପା ମୂର୍ତ୍ତି ହୋଇ ମଧ୍ୟ ଶ୍ରୀହରିଙ୍କ ସେବକାଭିମାନୀ । ଏହାହିଁ ତାଙ୍କ ଚରିତ୍ରର ପ୍ରଧାନ ବୈଶିଷ୍ଟ୍ୟ । ଏ ଜଗତରେ ଶ୍ରୀହରିଙ୍କ ପ୍ରତିନିଧି ରୂପରେ ସାକ୍ଷାତ ଭାବେ ସେ ଆମ୍ଭମାନଙ୍କ ନିକଟରେ ଅବସ୍ଥିତ । ଶ୍ରୀହରିଙ୍କ ଅବସ୍ଥିତି, ତାଙ୍କ ପ୍ରତି ଶ୍ରଦ୍ଧା ଓ ତାଙ୍କ ସେବା ସୁବିଧାନ ସବୁକିଛି ହିଁ ଆଚାର୍ଯ୍ୟଙ୍କ ମାଧ୍ୟମରେ ଆମ୍ଭ ମାନଙ୍କର ନୁଭବ ଯୋଗ୍ୟ ହୁଏ । ଏହାଛଡ଼ା ପହରିଭଜନ ବିଷୟରେ ତାଙ୍କ ବ୍ୟତୀତ ଆଉ କୌଣସି ଉପାୟ ବା ପଥ ନାହିଁ । ଜୀବ ସାଧକ ପକ୍ଷରେ ହରିସେବା ଲାଭର ଏଇ ଏକ ମାତ୍ର ମାଧ୍ୟମ ।

ତେଣୁ ସାଧକ ଜୀବନରେ ଗୁରୁ ମର୍ଯ୍ୟାଦାର ଏତେ ବେଶୀ ଗୁରୁତ୍ୱ । ସାଧକ ଜୀବନରେ ଗୁରୁଦେବ ହିଁ ଈଶ୍ୱର, ଦେବତା, ଆତ୍ମା ଓ ପ୍ରିୟ ଅର୍ଥାତ ଶ୍ରୀମଦ୍ ଭାଗବତଙ୍କ ଭାଷାରେ 'ଗୁରୁ ଦେବତାତ୍ମା' ।

ଆଚାର୍ଯ୍ୟ ମର୍ଯ୍ୟାଦା ବିଷୟରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଗୁରୁ ବଶିଷ୍ଠଙ୍କ ପ୍ରତି ମର୍ଯ୍ୟାଦା ଦାନ, ଶ୍ରୀକୃଷ୍ଣଙ୍କର ସାନ୍ଦପନି ମୁନିଙ୍କ ପ୍ରତି ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ଓ ଶ୍ରୀଚୈତନ୍ୟଦେବଙ୍କର ଶ୍ରୀ ଈଶ୍ୱରପୁରୀଙ୍କ ପ୍ରତି ମର୍ଯ୍ୟାଦା ଦାନ ବିଷୟ ମଧ୍ୟ ଆମ୍ଭମାନଙ୍କର ବିଶେଷ ଭାବେ ଆଲୋଚ୍ୟ । ଭଗବାନ ଆପନି ଆଚରି ଧର୍ମ ଜୀବେରେ ଶିଖାୟ' - ଏଇ ନିତି ଅବଲମ୍ବନରେ ମର୍ଯ୍ୟାଦା ଦାନ ଶିଖରେ - ଅବସ୍ଥାନ ପୂର୍ବକ କ'ଣ ନ କରିଛନ୍ତି ? ଜଗତ କର୍ତ୍ତା ହୋଇ କାହିଁକି ତାଙ୍କର ଏ ସମସ୍ତ ଲୀଳା ? ଆମ୍ଭେମାନେ ଏଇ ବିଷୟରେ ଯେପରି ଦୋଷଶୂନ୍ୟ ହୋଇପାରିବା, ସେଥିପାଇଁ ତାଙ୍କର ଏ ଲୀଳା । ଶ୍ରୀରୂପ ସନାତନାଦି ଷଡ଼ଗୋସ୍ୱାମୀଗଣଙ୍କ ପରସ୍ପର ମଧ୍ୟରେ ଯେଉଁ ମର୍ଯ୍ୟାଦା ଦାନ ଏବଂ ଶ୍ରୀ ଭକ୍ତିବିନୋଦ ଧାରାରେ ଆଗତ ଆଚାର୍ଯ୍ୟଗଣଙ୍କ ମଧ୍ୟରେ ଶିଷ୍ୟ-ପ୍ରଶିଷ୍ୟ କ୍ରମେ ମର୍ଯ୍ୟାଦା ଦାନର ଯେଉଁ ବାସ୍ତବ ଚରିତ୍ର ଦୃଷ୍ଟାନ୍ତ ସ୍ୱରୂପେ ଆମ୍ଭମାନଙ୍କ ସମ୍ମୁଖରେ ପ୍ରକାଶିତ ହୋଇଛି ତା'ର ମଧ୍ୟ କୌଣସି ତୁଳନା ନାହିଁ । ସେଇ ଧାରାର ସନ୍ତାନ ରୂପେ ଆମ୍ଭମାନଙ୍କର ଆଚାର୍ଯ୍ୟ ବିଷୟରେ ମର୍ଯ୍ୟାଦା ଦାନ ନିଖୁଣ ହେବା ଦରକାର ।

*କ୍ରମଶଃ*

---

**'ପରମାର୍ଥୀ' ଗ୍ରାହକ ଭକ୍ତବନ୍ଧୁଙ୍କୁ ନିବେଦନ ବାର୍ଷିକ ଭିକ୍ଷା ଯଥା ସମୟରେ ପଇଠ କରି ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତୁ । "ନିତାଇ ଗୌର ହରିବୋଲ" ।**

**- ମ୍ୟାନେଜର 'ପରମାର୍ଥୀ'**

# ଓଡ଼ିଶା ଓ ଶ୍ରୀଚୈତନ୍ୟଦେବ

(ପୂର୍ବ ପ୍ରକାଶନ ଉତ୍ତାରୁ...) **ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ**

ଦୀର୍ଘ ୧୮ ବର୍ଷ ଶ୍ରୀ ଚୈତନ୍ୟଦେବ ଓଡ଼ିଶାରେ ରହି (ପୁରୀ) ସରା ପ୍ରଦେଶକୁ ନାମସଂକୀର୍ତ୍ତନର ବନ୍ୟାରେ ପ୍ଲାବିତ କଲେ । ଏଥିପାଇଁ ଓଡ଼ିଶାର ସାମରିକ ଶକ୍ତି ଦୁର୍ବଳ ହୋଇଗଲା, ଏକଥା କେହିକେହି ଉଥାପନ କରନ୍ତି ମାତ୍ର ଏହାକୁ ହୃଦୟର ସହିତ ସର୍ବଥା ଗ୍ରହଣ କରି ହୁଏ ନାହିଁ । ଏ ସମ୍ବନ୍ଧରେ ୨ ଜଣ ବିଶିଷ୍ଟ ଐତିହାସିକଙ୍କ ମତାମତ ନିମ୍ନରେ ଉଦ୍ଧାର କରୁଛି ।

ରେଭେନ୍‌ସା କଲେଜର ବରିଷ୍ଠ ଇତିହାସ ଅଧ୍ୟାପକ ନିଶିକାନ୍ତ ସାନ୍ୟାଲ କହନ୍ତି – "ଓଡ଼ିଶାର ପତନ ସମ୍ବନ୍ଧରେ ଶ୍ରୀଚୈତନ୍ୟଦେବଙ୍କୁ ଜଡ଼ିତ କରିବା ଅଭିସନ୍ଧିମୂଳକ ଅଟେ । ଆମ୍ଭେମାନେ ଏପରି କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ପାଇନାହୁଁ ଯେ ପ୍ରତାପରୁଦ୍ର ରାଜାଙ୍କର ଅଧିକ ସଂଖ୍ୟକ କର୍ମଚାରୀ ଶ୍ରୀଚୈତନ୍ୟଦେବଙ୍କ ଶିଷ୍ୟ ହେଶଇଥିଲେ । ତାହାହେଲେ କ'ଣ କହିବାକୁ ହେବ ଯେ 'ଉତ୍କଳରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ' ରାଜନୈତିକ ଅବନତିର ଏକ କାରଣ ? "

ଅଧ୍ୟାପକ ପ୍ରଭାତ ମୁର୍ଖାଜୀ କହନ୍ତି – "The real cause of fall of the empire was not the acceptance of Neo Vaishavism, but the weekness of the successors x x x it is difficult to link the sickening tale of morlal turpitude with the chaitanya's movement which taught mankind to be faithful and honest."

ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଓ ଆସାମ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି–

"ଗୋଟିଏ ଜାତିର ଭାଗ୍ୟରେ ସବୁବେଳେ ଅଭ୍ୟୁଦୟ ଆସେ ନାହିଁ କି ପତନ ଆସେ ନାହିଁ । ପତନ ସମୟରେ ଜାତିକୁ ଶକ୍ତି ଦେବା ଭଳି ଯଦି କିଛି ନ ଥାଏ, ତାହାହେଲେ ସେ ଜାତି କେତେବେଳେ ହେଲେ ତିଷ୍ଠି ରହିପାରେ ନାହିଁ । ଶ୍ରୀଚୈତନ୍ୟ ଓବୈଷ୍ଣବ ମହାପୁରୁଷମାନେ ଓଡ଼ିଶାକୁ ସେତେବେଳେ ଯଦି ଭକ୍ତିବନ୍ୟାରେ ପ୍ଲାବିତ କରିନଥାନ୍ତେ ତାହାହେଲେ ଆଶ୍ରୟ କଲା ଭଳି ଓଡ଼ିଆ ଜାତି ପାଇଁ କିଛି ନଥାନ୍ତା । ଓଡ଼ଆ ଜାତି ଯଦି ବଞ୍ଚି ରହିଥାଏ ତାହାହେଲେ କେବଳ ଭାଗବତ ପୋଥି, ନାମସଂକୀର୍ତ୍ତନ ଓ ଶ୍ରୀଚୈତନ୍ୟଙ୍କର ଧର୍ମ ପ୍ରଚାର ଯୋଗୁଁ ତାର ଅସ୍ତିତ୍ୱ ରହିଗଲା । ଓଡ଼ିଆ ଜାତିର ଭାଗ୍ୟରେ ଯେତେବେଳେ ପରାଧିନତାର ଘୋର ଅନ୍ଧକାର ଘୋଟିଆସିଛି, ସେତେବେଳେ ଶ୍ରୀଚୈତନ୍ୟଙ୍କର ଆବିର୍ଭାବ ଏ ଜାତିକୁ ବଞ୍ଚିବା ପାଇଁ ବହୁ ଶକ୍ତି ଯୋଗାଇଛି । ଭାତବର୍ଷରେ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ହୋଇନଥିଲେ ଭାରତବର୍ଷର ସାଂସ୍କୃତିକ ଶୂନ୍ୟତାକୁ ପୂରଣ କରି ଏବଂ ସମଗ୍ର ଭାରତକୁ ସଂହତିର ବନ୍ଧନରେ ବାନ୍ଧି ରଖିବା ସମ୍ଭବ ହୋଇନଥାନ୍ତା ।"

ସଂକୀର୍ତ୍ତନ ଓଡ଼ିଶାର ଗଣ ଧର୍ମରେ ପରିଣତ ହୋଇଛି । ସଂକୀର୍ତ୍ତନ ଦ୍ୱାରା ଓଡ଼ିଶା ଦୁର୍ବଳ ହେବା ଯାହା କୁହାଯାଉଥିଲା ଏବେ ତା ପରିବର୍ତ୍ତେ କୀର୍ତ୍ତନ ମଣ୍ଡଳୀଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି । ସଂକୀର୍ତ୍ତନ ଏକ କଳା ରୂପେ ପରିଗଣିତ ହୋଇ କୀର୍ତ୍ତନୀଆଙ୍କୁ ଭତ୍ତା ଦେବାର ବ୍ୟବସ୍ଥା ହେଲାଣି । ଓଡ଼ିଶା ଓ ଶ୍ରୀଚୈତନ୍ୟ

ଦେବ ଅଙ୍ଗାଙ୍ଗୀ ଜଡ଼ିତ ଏ ବିଷୟରେ କ୍ଷୁଦ୍ର ପ୍ରନନ୍ଧରେ ସମ୍ପୂର୍ଣ୍ଣ ଆଲୋକପାତ କରିବା ସମ୍ଭବ ନୁହେଁ । ଏ ପ୍ରସଙ୍ଗରେ ମାତ୍ର ଦୁଇଟି ପୁସ୍ତକରୁ ଉଦ୍ଧୃତାଂଶ ଏଠାରେ ଉପସ୍ଥାପନ କରୁଛି । କଟକରୁ ପ୍ରକାଶିତ Vaitarani ସାମୟିକ ପତ୍ରିକା Vol-XI-No1, September 1936, Pg 54 ରେ ଉଲ୍ଲେଖ ଅଛି "Orissa as Chaitanya and Chaitanya was Orissa. The king, the subjects, the high and low all were mad after Him". କେନେଡ଼ି ସାହେବ ତାଙ୍କ 'The Chaitanya Movement' ପୁସ୍ତକର ୭୫ ପୃଷ୍ଠାରେ ଲେଖିଛନ୍ତି "Orissa became such a stronghold of the Chaitanya faith that to day the name of Gouranga is more commonly reverenced and worshiped among the masses in Orissa than in Bengal itself". ଓଡ଼ିଶାର ରାଣୀହାଟୀ ସଂକୀର୍ତ୍ତନ ଗାୟକମାନେ କୀର୍ତ୍ତନ ଆରମ୍ଭରେ କହନ୍ତି "ଆହା! ମମ ପ୍ରାଣ ଗୌରାଙ୍ଗ ହେ! ଏଣୁ ଓଡ଼ିଶାର ପ୍ରାଣ ହେଉଛନ୍ତି ଗୌରାଙ୍ଗ । ଶ୍ରୀଚୈତନ୍ୟ ପରିବର୍ତ୍ତେ ଗୌରାଙ୍ଗ ନାମଟି ଓଡ଼ିଆଙ୍କର ଅତିପ୍ରିୟ, କାରଣ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଷଡ଼ଭୂଜ ଗୌରାଙ୍ଗଙ୍କୁ ଓଡ଼ିଆ ମାନେ ପୂଜା କରୁଛନ୍ତି ଏବଂ ଶ୍ରୀମନ୍ଦିର ବେଢ଼ା ମଧ୍ୟସ୍ଥ ଶ୍ରୀଚୈତନ୍ୟଦେବଙ୍କ ପାଦପଦ୍ମ ମନ୍ଦିରରେ ମାର୍ବଲ୍‌ରେ ଲେଖାଯାଇଛ - "ଗୌରାଙ୍ଗ ମହାପ୍ରଭୁଙ୍କ ପାଦପଦ୍ମ" । ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷ ତାଙ୍କ ଶୂନ୍ୟସଂହିତାରେ ଲେଖିଛନ୍ତି ସେତେବେଳେ ଶ୍ରୀଚୈତନ୍ୟଦେବଙ୍କର ବାରହଜାର ଶିଷ୍ୟ ଥିଲେ । ସେଥିରୁ ଅନେକ ବ୍ରାହ୍ମଣ ମଧ୍ୟ ଥିଲେ । ଶ୍ରୀ ଚୈତନ୍ୟ ଦେବଙ୍କ ଓଡ଼ିଆ ଅନୁଗମାନଙ୍କ ମଧ୍ୟରେ ମହାରାଜ ପ୍ରତାପରୁଦ୍ର ଦେବ, ଭବାନନ୍ଦ ରାୟ ଓ ତାଙ୍କ ୫ ପୁତ୍ର (ରମାନନ୍ଦ ଇତ୍ୟାଦି), କାଶୀ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଶିଖି ମହାନ୍ତି, ମାଧବୀ ଦେବୀ, ଜଗନ୍ନାଥ ମହାନ୍ତି, କହ୍ନେଇ ଖୁଣ୍ଟିଆ, ଆଦି ଥିଲେ ମୁଖ୍ୟ । ଶ୍ରୀଚୈତନ୍ୟଦେବ ଓଡ଼ିଆଙ୍କୁ ପ୍ରାଣ ଦେଇ ଭଲ ପାଉଥିଲେ । ଜଗନ୍ନାଥଙ୍କୁ ଓଡ଼ିଆରେ 'ମଣିମା', 'ମଣିମା' ଡାକି ଓଡ଼ିଆ ଭଜନ 'ଜଗମୋହନେ ପରିମୁଣ୍ଡା ଯାଉଁ" ଗାନ କରୁଥିଲେ ଏବଂ ଶ୍ରୀ ଜଗନ୍ନାଥଙ୍କୁ ସାକ୍ଷାତ ଶ୍ରୀକୃଷ୍ଣ ଜ୍ଞାନ କରୁଥିଲେ । "ଜଗନ୍ନାଥେ ଦେଖେ ସାକ୍ଷାତ୍ ବ୍ରଜେନ୍ଦ୍ର ନନ୍ଦନ", ଓଡ଼ିଆ ଭାଷାରେ ଲକ୍ଷାଧିକ ଶ୍ରୀଚୈତନ୍ୟ ଜଣାଣ, ଭଜନ ଲେଖାଯାଇଛି ।

ସେତେବେଳର ଓଡ଼ିଶାର ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଓ ଶ୍ରୀ ରସିକାନନ୍ଦ ପ୍ରଭୁ ଦ୍ୱୟଙ୍କ ଦ୍ୱାରା ଓଡ଼ିଶାରେ ଶ୍ରୀଚୈତନ୍ୟ ଆରାଧନା ଓ ଶ୍ରୀ ଚୈତନ୍ୟ ଧର୍ମର ପ୍ରବଳ ପ୍ରଚାର ହୋଇଥିଲା, ଶ୍ରୀଚୈତନ୍ୟ ଧର୍ମରେ ଦୀକ୍ଷିତ ହୋଇ ଓଡ଼ିଶା ରେମୁଣା ନିକଟରେ ଏକାନ୍ତୀ ଗୋବିନ୍ଦ ଦାସ ଜୟପୁର ରାଜସଭାରେ ଶ୍ରୀଚୈତନ୍ୟ ସଂପ୍ରଦାୟକୁ ଶାସ୍ତ୍ରୀୟ ବୋଲି ପ୍ରମାଣିତ କରି ବେଦାନ୍ତର ଗୋବିନ୍ଦ ଭାଷ୍ୟ ରଚନା କରିଛନ୍ତି । ବେଦାନ୍ତାଚାର୍ଯ୍ୟ ବଳଦେବ ବିଦ୍ୟାଭୂଷଣ ନାମରେ ପରିଚିତ ହୁଅନ୍ତି । ପରବର୍ତ୍ତୀ କାଳରେ ଓଡ଼ିଶା କେନ୍ଦ୍ରାପଡ଼ା ଛୋଟୀ ଗ୍ରାମର ଶ୍ରୀ କେଦାରନାଥ ଦତ୍ତ ଭକ୍ତିବିନୋଦ ଠାକୁର ଓ ତାଙ୍କ ପୁତ୍ର ଓଡ଼ିଶାର ଆଦି ପ୍ରଭୁ ପାଦ ଶ୍ରୀବିମଳା ପ୍ରସାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁର ବିଭିନ୍ନ ଭାଷାରେ ବହୁ ଗ୍ରନ୍ଥ ପ୍ରଣୟନ କରି ସାରା ବିଶ୍ୱରେ ଶ୍ରୀଚୈତନ୍ୟଦେବଙ୍କ ମନୋଭୀଷ୍ଟ "ପୃଥିବୀରେ ଅଛି ଯେତେ ନଗରାଦି ଗ୍ରାମ, ସର୍ବତ୍ର ପ୍ରଚାର ହେବ ଯେ ମୋର ନାମ ।" ଏହି ବାଣୀକୁ ସାର୍ଥକକରି ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ସମୁଦୟେ ୬୪ଟି ଗୌଡ଼ୀୟ ମଠ ସ୍ଥାପନ ପୂର୍ବକ ବିପୁଳ ଶୁଦ୍ଧ ଭକ୍ତି ସିଦ୍ଧାନ୍ତଚୈତନ୍ୟବାଣୀ ପ୍ରଚାର କରିଛନ୍ତି । ଏ ଦୁହିଁଙ୍କ ତୁଳନା ନାହିଁ । ଏହି ସରସ୍ୱତୀ ପ୍ରଭୁପାଦଙ୍କ ଶିଷ୍ୟ ହେଉଛନ୍ତି ଇସ୍କନର ପ୍ରତିଷ୍ଠାତା

ଶ୍ରୀ ଭକ୍ତିବେଦାନ୍ତ ସ୍ୱାମୀ, ଯାହାଙ୍କ ଶ୍ରୀ ଚୈତନ୍ୟବାଣୀ ପ୍ରଚାର କରିବା ଫଳରେ ଆଜି ସାରା ବିଶ୍ୱରେ ଜଗନ୍ନାଥ ସଂସ୍କୃତି, ରଥଯାତ୍ରାଦିର ପରିପ୍ରସାର ହୋଇଛି । ଏସବୁର ମୂଳ ହେଲେ ଓଡ଼ିଶାର ପ୍ରଭୁପାଦ ଯାହାଙ୍କ ପ୍ରାକଟ୍ୟ ହୁଏ ପୁରୀ ବଡ଼ଦାଣ୍ଡରେ ଏବର ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ସ୍ଥଳୋପରି । ସେ ଓଡ଼ିଶାର କଟକ, ପୁରୀ, ଭୁବନେଶ୍ୱର ଓ ବ୍ରହ୍ମଗିରିରେ ୪ଟି ମଠ ପ୍ରତିଷ୍ଠା କରି ବିଭିନ୍ନ ସ୍ଥାନରୁ ବିଭିନ୍ନ ଭାଷାରେ ୬ଟି ଧର୍ମ ପତ୍ରିକା ପ୍ରକାଶ କରିଥିଲେ । ଏବେ ତାଙ୍କ ପ୍ରତିଷ୍ଠିତ କଟକ ସଚ୍ଚିଦାନନ୍ଦ ମଠରୁ ମାସିକ 'ପରମାର୍ଥୀ' ପତ୍ରିକା ୧୯୩୨ରୁ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଉଛି । ତାପରେ ଆମ ଓଡ଼ିଶାର ନାମାଚାର୍ଯ୍ୟ ଶ୍ରୀ ବାୟାବାବା ବିଭିନ୍ନ ସ୍ଥାନରେ କଳ୍ପତରୁ ଆଶ୍ରମ ଓ ଅଖଣ୍ଡ ନାମ ହଟ୍ଟ ପ୍ରତିଷ୍ଠା କରି ଓଡ଼ିଶାରେ ଶ୍ରୀ ନିତାଇ ଗୌରଙ୍କ ଅସମୋର୍ଦ୍ଧ ମହିମା ପ୍ରକାଶ କରିଛନ୍ତି । ଏଇ ଭାବରେ ଶ୍ରୀଚୈତନ୍ୟ ଧର୍ମ ଓଡ଼ିଶାରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଛି । ବହୁଭାଗ୍ୟବାନ୍ ଜୀବ ଏମାନଙ୍କ ଦ୍ୱାରା ବିଦ୍ଧିବଦ୍ଧ ଦୀକ୍ଷା ଗ୍ରହଣ କରିବୈଷ୍ଣବ ହୋଇ ସାଧନ ଭଜନ କରୁଛନ୍ତି । ପ୍ରଭୁ ଶ୍ୟାମାନ୍ଦଙ୍କ ଶିଷ୍ୟଥିଲେ ଆମ ଓଡ଼ିଶାର ଯବନ ଭକ୍ତ ସାଲବେଗ ଏବଂ ରସିକାନନ୍ଦ ପ୍ରଭୁଙ୍କର ମଧ୍ୟ ଏକାଧିକ ମୁସଲମାନ ଶିଷ୍ୟ ହୋଇଥିଲେ ଏହା ଆଶ୍ଚର୍ଯ୍ୟ ବା କ'ଣ ରସିକାନନ୍ଦ ପ୍ରଭୁ ପାଗଳା ଦୁର୍ଦ୍ଧର୍ଷ ହାତୀକୁ ମଧ୍ୟ ଶିଷ୍ୟ କରି ଥିଲେ ଯାହାର ନାମ ଥିଲା 'ଗୋପାଳଦାସ' । ଶ୍ରୀ ଚୈତନ୍ୟଙ୍କ ସ୍ମୃତିରେ ଓଡ଼ିଶାର ବହୁ ସ୍ଥାନ ନାମିତ ହୋଇ ଯାତ୍ରା ଉତ୍ସବାଦି ହେଉଛି । ପୁରୀର ଗୌରବାଟ ସାହି, ରେମୁଣାର ଗୌରଦାଣ୍ଡ, କଟକ ସତୀଚଉରାର 'ଚୈତନ୍ୟ ଘାଟ', ଗୌରଗଡ଼ା ଘାଟ ଏବଂ ବାଲିଯାତ୍ରାଦି ଅଦ୍ୟାବଧି ତାର ସାକ୍ଷୀ ବହନ କରେ । ଶ୍ରୀଚୈତନ୍ୟ ଦେବ ପୁରୀରେ ରଥଯାତ୍ରାରେ ଶ୍ରୀଜଗନ୍ନାଥଙ୍କ ରଥାଗ୍ରେ ୭ଟି ସଂକୀର୍ତ୍ତନ ଦଳରେ ସାତମୂର୍ତ୍ତି ଗୌରାଙ୍ଗ ହୋଇ ମହାସଂକୀର୍ତ୍ତନ ରାସ କରିଥିଲେ ଏବେ ମଧ୍ୟ ଶ୍ରୀ ଚୈତନ୍ୟ ସଂମ୍ପ୍ରଦାୟର ବୈଷ୍ଣବ ମାନେ ରଥଯାତ୍ରା ପୂର୍ବଦିନ ଗୁଣ୍ଡିଚାମାର୍ଜ୍ଜନ ଓ ରଥଯାତ୍ରା ଦିନ ରଥାଗ୍ରେ ସଂକୀର୍ତ୍ତନ କରିବା ଧାରା ବଜାୟ ରଖିଛନ୍ତି ।

ବିଭିନ୍ନ ସ୍ଥାନରେ ଶ୍ରୀଚୈତନ୍ୟସ୍ମୃତି, ସର୍ବାଙ୍ଗ ଚିହ୍ନ, ପଦଚିହ୍ନାଦି ପାଷାଣ ବକ୍ଷରେ ଅଙ୍କିତ ହୋଇରହିଛି ଏଇ ଓଡ଼ିଶା ଭୂମିରେ । ଲୋକେ ସେସବୁକୁ ମଧ୍ୟ ପୂଜା କରୁଛନ୍ତି । ଓଡ଼ିଆ ପଞ୍ଚସଖା ଶ୍ରୀ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତ ଦାସାଦିଙ୍କ ସହ ଶ୍ରୀଚୈତନ୍ୟ ଦେବ ସଂକୀର୍ତ୍ତନ କରି ଓଡ଼ିଶାକୁ ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ପ୍ରେମ ବନ୍ୟାରେ ପ୍ଲାବିତ କରିଥିଲେ । ଶ୍ରୀ ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତାରେ ଅଛି (୧-୭)

"ଅନନ୍ତ, ଅଚ୍ୟୁତ, ଘେନି ଯଶୋବନ୍ତ, ବଳରାମ, ଜଗନ୍ନାଥ
ଏ ପାଞ୍ଚସଖାହିଁ ନୃତ୍ୟକାରୀ ହେଲେ ଗୌରାଙ୍ଗ ଚନ୍ଦ୍ର ସଙ୍ଗତ ।"

ଏମାନେ ଶ୍ରୀଚୈତନ୍ୟଦେବଙ୍କ ଭଗବତ୍ତା ସ୍ୱୀକାର କରିଛନ୍ତି । ଶ୍ରୀ ଅଚ୍ୟୁତାନନ୍ଦ ମଧ୍ୟ ତାଙ୍କ ଶୂନ୍ୟସଂହିତାରେ ଶ୍ରୀଚୈତନ୍ୟଦେବ କିପରି ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଲୀନ ହେଲେ ଏହା ଉଲ୍ଲେଖ କରିଛନ୍ତି । ଯେହେତୁ ସେ ଶ୍ରୀଚୈତନ୍ୟଙ୍କ ସମସାମୟୀକ, ପରିକର ଏବଂ ଓଡ଼ିଶାର ତ୍ରିକାଳଦର୍ଶୀ ମହାପୁରୁଷ ଏଣୁ ତାଙ୍କ କଥା ପ୍ରମାଣଯୋଗ୍ୟ ।

ଏବେ ଓଡ଼ିଶାରେ ଶ୍ରୀଚୈତନ୍ୟ ଆରାଧନାର କେତେ ପ୍ରସିଦ୍ଧ ପୀଠସ୍ଥଳୀ ବିଷୟରେ ସମ୍ୟକ୍ ଆଲୋଚନା କରିବା ।

*କ୍ରମଶଃ*

# ସପ୍ତ ପାତାଳ

**ସଦାଶିବ ପଣ୍ଡା**

ଆମେ ଯେଉଁଠାରେ ବାସ କରୁଅଛେ
ସେଇତ ଆମର ଦେଶ
ଭାବନାହିଁ କେବେ ଦେଶ ଆଉ ନାହିଁ
ଏଇଠି ହୋଇଛି ଶେଷ ॥୧॥

କେତେ ଦେଶ ଅଛି ଆମେ ଜାଣିନାହୁଁ
ଆମର ଜ୍ଞାନ ସୀମିତ
ଯେଉଁମାନେ ତାହା ଦେଖି କହୁଛନ୍ତି
ତାହା ଆମେ ଭାବୁ ସତ୍ୟ ॥୨॥

ଶାସ୍ତ୍ର ପୁରାଣରେ କେତେ କଥା ଅଛି
ତାହା ଆମେ ନାହୁଁ ଜାଣି
ଭଗବତ୍ ଦ୍ରଷ୍ଟା ମୁନିରଷି ମାନେ
ତାହା କହନ୍ତି ବଖାଣି ॥୩॥

ତାଙ୍କ କଥା ଆମେ ବିଶ୍ୱାସ ନ କଲେ
ଭକ୍ତିର ହୋଇବ ବାଧ
ଯେହେତୁ ତାଙ୍କର ଦୋଷ ଚତୁଷ୍ଟୟ
ନାହିଁ ଆଉ ଅପରାଧ ॥୪॥

ରହୁଥିବା ଭୌମ ପ୍ରପଞ୍ଚର ତଳେ
ରହିଛି ସାତୋଟି ତଳ
ତଳ ଗୁଡ଼ିକର ନାମ ଭିନ୍ନ ଭିନ୍ନ
ନାହିଁ ତାର ଥଳ କୂଳ ॥୫॥

ପ୍ରଥମରେ ଯେଉଁ ତଳଟି ରହିଛି
ନାମଟି ତାର ଅତଳ
ସେଠାରେ ରହନ୍ତି ମୟଦାନ ବର
ନିଜପୁତ୍ର ନାମ ବଳ ॥୬॥

ଅତଳ ତଳକୁ ଦ୍ୱିତୀୟ ତଳଟି
ବିତଳ ଯାହାର ନାମ
ସେଠାରେ ରହିଣ ଶିବ ଓ ଭବାନୀ
ଭଜିଥାନ୍ତି ପୂର୍ଣ୍ଣକାମ ॥୭॥

ତୃତୀୟ ତଳର ନାମଟ ସୁତଳ
ଯେଉଁଠି ବଳିର ବାସ
ବାମନ ଦେବଙ୍କ ଦ୍ୱାରା ସୁରକ୍ଷିତ
ଲେଶ ମାତ୍ର ନାହିଁ ତ୍ରାସ ॥୮॥

ଚତୁର୍ଥ ତଳର ତାଳତଳ ନାମ
ମୟ ଦାନବର ଘର
ତାହାର ଘରକୁ ଜଗିବାକୁ ସଦା
ତ୍ରିପୁରାରୀ ଉଜାଗର ॥୯

ତଳା ତଳ ତଳେ ଯେଉଁ ତଳ ଅଛି
ନାମ ତାର ମହାତଳ
ସେଠାରେ ରହନ୍ତି କ୍ରୁହୁ ନନ୍ଦନ
ସର୍ପଗଣ ତାଙ୍କ ଦଳ ॥୧୦॥

ଷଷ୍ଠ ତଳଟିର ନାମ ରସାତଳ
ଅସୁର ମାନଙ୍କ ବାସ
ସେଠାରେ ରହିଣ ଦନୁଙ୍କ ନନ୍ଦନ
ଜଗତେ ଜନ୍ମାନ୍ତି ତ୍ରାସ ।।୧୧।।

ରସାତଳ ତଳେ ଯେଉଁ ତଳ ଅଛି
ନାମଟି ତାର ପାତାଳ
ସେଠି ବାସୁକୀଙ୍କ ମୁଣ୍ଡରେ ରହିଛି
ବ୍ରହ୍ମାଣ୍ଡ ଯେପରି ତିଳ ।।୧୨।।

ପୂଣ୍ୟବାନ୍ ଜୀବ କର୍ମ ଅନୁସାରେ
ସ୍ୱର୍ଗ କି ପାତାଳ ଯାଏ
ପୁଣ୍ୟ ଭୁଞ୍ଜିସାରି ଭୌମ ପ୍ରପଞ୍ଚକୁ
ପୁନରାବର୍ତ୍ତନ ହୁଏ ।।୧୩।।

# ପ୍ରଚାର ପ୍ରସଙ୍ଗ

ବର୍ତ୍ତମାନ 'କରୋନା' ମହାମାରୀ - ଯାହା ସାରା ବିଶ୍ୱରେ ତା'ର ତାଣ୍ଡବ ଲୀଳା ରଚି ଚାଲିଛି, ସେଥିରୁ ରକ୍ଷା ପାଇବାକୁ ହେଲେ ଅନ୍ତଃଶୋଧନ ଓ ବାହ୍ୟ-ଶୋଧନ ହୋଇ ଶ୍ରୀହରିନାମ ମହାମନ୍ତ୍ର ଜପ କରିବା ବିଧେୟ।

ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍
କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିର ନ୍ୟଥା ।। (ଶ୍ରୀମନ୍ ମହାପ୍ରଭୁ)
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।।

ପ୍ରଭୁ କହେ କହିଲାମ ଏହି ମହାମନ୍ତ୍ର, ଇହା ଜପ ଗିୟା ସବେ କରିୟା ନିର୍ବନ୍ଧ, ଇହାହୈତେ ସର୍ବସିଦ୍ଧି ହଇବେ ସବାର, ସର୍ବକ୍ଷଣ ବଲ ଇଥେ ବିଧି ନାହିଁ ଆର୍ ।

ଏ ଘୋର କଳିର କରାଳ ରୂପକୁ ଦେଖି ଡରି ନ ଯାଇ କେବଳ ବିଶ୍ୱନିୟନ୍ତା ଶ୍ରୀ ଭଗବାନଙ୍କ ନାମ ସ୍ମରଣ, ମନନ୍, ଜପ, କୀର୍ତ୍ତନ କରି ଏଇଦୁସ୍ତର ସମୟକୁ କଟାଇ ପାରିଲେ ନିଜର ତଥା ଜଗତର ମଙ୍ଗଳ ହେବ ।

ବର୍ତ୍ତମାନ ସମୟରେ ଗୌଡ଼ୀୟ ମିଶନର ଶାଖା ମଠ - ଶ୍ରୀ ସଚ୍ଚିଦାନନ୍ଦ ମଠ କଟକ, ପାଟଣା (ବିହାର) ଆସାମ, ହଳଦିଆ, ଗୁଆହାଟୀ, ଦିଲ୍ଲୀ, ମୁମ୍ବାଇ ଓ ପ୍ରଧାନ ଶାଖାମଠ ବାଗ୍ ବଜାର, କଲିକତାର ସନ୍ୟାସୀ, ବ୍ରହ୍ମଚାରୀମାନେ ହଜାର ହଜାର ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।

ଏହି ଦୁଃସମୟରେ କେବଳ ଘରେ ରହି କିମ୍ବା ସ୍ୱଳ୍ପ ସମୟ ବ୍ୟବସାୟ ସଂସ୍ଥାରେ ଅଫିସରେ ବିଭିନ୍ନ କର୍ମକ୍ଷେତ୍ରରେ ହି ପ୍ରଭୁଙ୍କ ନାମ ସ୍ମରଣ କରି ଦିନଚର୍ଯ୍ୟା କରିବା ଛଡ଼ା ଅନ୍ୟଗତି ନାହିଁ ।

ନିତାଇ -ଗୌର ହରିବୋଲ ।

**ମ୍ୟାନେଜର, ପରମାର୍ଥୀ**

# ଶ୍ରୀମଦ୍ ଭକ୍ତି ସୁହୃଦଙ୍କର ବିରହ ତିଥିରେ

**ଶ୍ରୀ ପ୍ରବୋଧାନନ୍ଦ ଦାସାଧିକାରୀ**

**ଶ୍ରଦ୍ଧାଞ୍ଜଳି (ସତେ କି ଏ ଜୀବ ଯିବ ବୃଥେ)**

ସତେ କି ମୋ ଭାଗ୍ୟ ହେବ ସଦ୍‌ଗୁରୁ ଚରଣେ ଚିତ୍ତ ରହିବ - ମୋ ଭକ୍ତି ସୁହୃଦ
ଏହି କୃପାବାରି ଶିରେ ହେବ - ମୋ ଭକ୍ତି ସୁହୃଦ ।୧।
ବୈଷ୍ଣବ ସଂଗତେ ଥିବି ଶ୍ରୀ ଗୌରାଙ୍ଗ ରସେ ବୁଡି ରହିବି - ମୋ ଭକ୍ତି ସୁହୃଦ
ତୁମ କ୍ରୀତଦାସ ହୋଇଥିବି - ମୋ ଭକ୍ତି ସୁହୃଦ ।୨।
କୃପା କର ଗୁରୁଦେବ, ଏ ଭବ ସାଗରୁ ପାରି କରିବ - ମୋ ଭକ୍ତି ସୁହୃଦ
ନିତ୍ୟ ଧାମେ ସାଥେ ରଖିଥିବ - ମୋ ଭକ୍ତି ସୁହୃଦ ।୩।
ସାଧୁ ସଂଗେ କୃଷ୍ଣ ରଂଗ ଅଙ୍ଗେ ଅଙ୍ଗେ ମୋର ରଂଗେଇ ଦେବ
ଭକ୍ତ ସଂଗତେ ରଖିବ ନିତ୍ୟ - ମୋ ଭକ୍ତି ସୁହୃଦ ।୪।
ଜନ୍ମେ ଜନ୍ମେ ତୁମ ପ୍ରେମ ବନ୍ଧନ ମଧ୍ୟରେ ବାନ୍ଧି ରଖିବ - ମୋ ଭକ୍ତି ସୁହୃଦ
ଏହି ଅଭିଳାଷ ହେଉ ସତ୍ୟ - ମୋ ଭକ୍ତି ସୁହୃଦ ।୫।
ନିତ୍ୟଧାମେ ଚାଲିଗଲ ଶିଷ୍ୟଗଣଙ୍କୁ ଅନାଥ କରିଲ - ମୋ ଭକ୍ତି ସୁହୃଦ
ତବ ବିନା ଏ ଜୀବନ ଶୂନ୍ୟ - ମୋ ଭକ୍ତି ସୁହୃଦ ।୬।
ମାତା ପରି ସ୍ନେହ ଦେଲ, ଶୋକ ସାଗରରେ ବୁଡାଇ ଦେଲ - ମୋ ଭକ୍ତି ସୁହୃଦ
ଝୁରୁଥିବି ମୁଁ ସାରାଜୀବନ - ମୋ ଭକ୍ତି ସୁହୃଦ । ୭।
ଅପରାଧି ମୁଁ ପାମର, ବୁଝି ପାରିଲିନି କୃପା ତୁମ୍ଭର - ମୋ ଭକ୍ତି ସୁହୃଦ
ଅନୁତାପେ ତାପିତ ଏ ପ୍ରାଣ - ମୋ ଭକ୍ତି ସୁହୃଦ ।୮।
ଆଜ୍ଞା ହେଉ ଗୁରୁଦେବ, ହରି ଗୁରୁସେବା ମୋର ବୈଭବ
ଗୁରୁ ଗୃହ ହେଉ ନିତ୍ୟ ଧାମ - ମୋ ଭକ୍ତି ସୁହୃଦ ।୯।
ଭକ୍ତିବିବେକ ବୈରାଗ୍ୟ ଅଧମ ଦାସର ଭୂଷଣ ହେବ - ମୋ ଭକ୍ତି ସୁହୃଦ
ଚରଣେ ଶରଣ ଦେବ - ମୋ ଭକ୍ତି ସୁହୃଦ ।୧୦।
ଏତିକି ସୁଦୟା ହେବ ପ୍ରବୋଧାନନ୍ଦକୁ କୃପା କରିବ - ମୋ ଭକ୍ତି ସୁହୃଦ
ହରି କୀର୍ତ୍ତନେ ଯିବ ଜୀବନ - ମୋ ଭକ୍ତି ସୁହୃଦ ।୧୧।

=====

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

**ଭାବଭକ୍ତି :** ଭାବଭକ୍ତିର ଅନୁଭାବକୁ ବା କାର୍ଯ୍ୟରୂପ ଅବସ୍ଥାରେ ଶ୍ରବଣ-କୀର୍ତ୍ତନାଦି ଅଙ୍ଗକୁ ଭାବଭକ୍ତି ହିଁ କୁହାଯାଏ, ତାହାକୁ ସାଧନଭକ୍ତି କହିବା ଭୁଲ ହେବ । ତେଣୁ ତା'ର ନିବାରଣ ପାଇଁ ହିଁ ମୂଳ-ଶ୍ଳୋକରେ ସାଧ୍ୟଭାବାବିଶେଷଣ ପଦର ପ୍ରୟୋଗ ହୋଇଅଛି, ଯାହାଦ୍ୱାରା ଭାବ 'ସାଧ୍ୟ' (ସାଧିତ) ହୁଏ, ତାହାକୁ ସାଧ୍ୟଭାବ କହନ୍ତି । ସାଧନଭକ୍ତି ଭାବଭକ୍ତିକୁ ଆବିର୍ଭାବ କରାଏ । ଅତଏବ ଯେଉଁ ଭକ୍ତି ଦ୍ୱାରା ଧର୍ମ, ଅର୍ଥ, କାମ, ମୋକ୍ଷାଦି ଅନ୍ୟାନ୍ୟ ପୁରୁଷାର୍ଥ ସାଧିତ ହୁଏ, ସେହି ଭକ୍ତିକୁ ସାଧନଭକ୍ତିରୁ ଅଲଗା ରଖାଯାଇଛି । ତାହାକୁ ସାଧନଭକ୍ତି କୁହାଯାଇପାରିବ ନାହିଁ । ଯେହେତୁ ଭକ୍ତି ବ୍ୟତୀତ ଅନ୍ୟ କାମନାମାନଙ୍କର ଗନ୍ଧମାତ୍ରରୁ ରହିତ ଉତ୍ତମା ଭକ୍ତିର ପ୍ରସଙ୍ଗ ଏଠାରେ ଚାଲିଛି । ଏଠାରେ ଶଙ୍କା ହୁଏ ଯେ, ଯଦି ସାଧନଭକ୍ତି ଦ୍ୱାରା ଭାବଭକ୍ତି ସାଧିତ ହୁଏ, ତେବେ ଭାବଭକ୍ତି ପ୍ରଥମେ ନ ଥିଲା; ସାଧନ ଭକ୍ତିଦ୍ୱାରା ଉଦିତ ହୋଇଛି । ଏପରି ସ୍ଥିତିରେ ଭାବଭକ୍ତି କୃତ୍ରିମ ବା ଅନିତ୍ୟ ହେବା ପରି ଲାଗୁଛି । ତେଣୁ ଏହି ଅନିତ୍ୟ ଭାବଭକ୍ତିକୁ ନିତ୍ୟସିଦ୍ଧ ଅଥବା ପରମପୁରୁଷାର୍ଥ ବସ୍ତୁବୋଲି କିପରି ଗଣାଯିବ ? ଏହି ଆଶଙ୍କାକୁ ଦୂର କରିବା ପାଇଁ ମୂଳ-ଶ୍ଳୋକରେ 'ନିତ୍ୟସିଦ୍ଧ' ଶବ୍ଦର ପ୍ରୟୋଗ ହୋଇଛି । ଭାବ ନିତ୍ୟସିଦ୍ଧ ଅଟେ । ତାହା ଭଗବାନଙ୍କ ନିତ୍ୟ-ପରିକରମାନଙ୍କଠାରେ ସର୍ବଦା ବିଦ୍ୟମାନ ଥାଏ । ନିତ୍ୟ ପରିକରମାନଙ୍କ ଠାରୁ ନିର୍ମଳଜୀବ ହୃଦୟରେ ସେହି ନିତ୍ୟସିଦ୍ଧ ଭାବ ସ୍ୱୟଂ ଆବିର୍ଭୂତ ହୁଏ । 'ଶ୍ରୀଚୈତନ୍ୟଚରିତାମୃତ'ରେ ଏପରି କୁହାଯାଇଛି -

> ନିତ୍ୟସିଦ୍ଧ କୃଷ୍ଣପ୍ରେମ 'ସାଧ୍ୟ' କଭୁ ନୟ ।
>
> ଶ୍ରବଣାଦି - ଶୁଦ୍ଧଚିତ୍ତେ କରୟେ ଉଦୟ ।। (ଚୈ ଚ. ମଧ୍ୟ ୨୨/୧୦୪)

'ଅର୍ଥାତ୍ କୃଷ୍ଣପ୍ରେମ ନିତ୍ୟସିଦ୍ଧ ଅଟେ; ସାଧନ ଦ୍ୱାରା ତାହା ସାଧ୍ୟ ନୁହେଁ । ଶ୍ରବଣାଦି ଭକ୍ତି ଅଙ୍ଗ ଦ୍ୱାରା ଶୁଦ୍ଧଚିତ୍ତରେ ତାହା ସ୍ୱୟଂ ଆବିର୍ଭୂତ ହୁଏ । ଭାବ ସେହି ପ୍ରେମର ହିଁ ପ୍ରାରମ୍ଭିକ ଅସ୍ଫୁଟଅବସ୍ଥା ଅଟେ । ଯାହାକୁ ପ୍ରେମର ଅଙ୍କୁର ମଧ୍ୟ କୁହାଯାଇଛି । ଭାବର ପରିପକ୍ୱ ଅବସ୍ଥାର ଅଥବା ଗାଢ଼ ଅବସ୍ଥାର ନାମ ହିଁ ପ୍ରେମ । ତେଣୁ ସେହି ଭାବ ମଧ୍ୟ ନିତ୍ୟସିଦ୍ଧ ବୃତ୍ତି ଅଟେ ।

ଭାବ ଶବ୍ଦର ପ୍ରୟୋଗ ଉପଲକ୍ଷଣ ରୂପରେ କରାଯାଇଛି, ତେଣୁ 'ଭାବ' ଶବ୍ଦ ଦ୍ୱାରା ଭାବଭକ୍ତିର ଅନୁଭାବକୁ ବା କାର୍ଯ୍ୟରୂପ ଶ୍ରବଣ-କୀର୍ତ୍ତନାଦିକୁ ବୁଝିବାକୁ ହେବ । ଯେପରି - ଶ୍ରୀକୃଷ୍ଣ ବସୁଦେବଙ୍କ ଘରେ ଅବତୀର୍ଣ୍ଣ ହୋଇଥିଲେ, କିନ୍ତୁ ବସୁଦେବ କୃଷ୍ଣଙ୍କୁ ଜନ୍ମ ଦେଇଥଲେ - ଏହା ଠିକ୍ ନୁହେଁ । ସେହିପରି ଯେଉଁମାନେ ନିତ୍ୟସିଦ୍ଧ ଶ୍ରବଣ-କୀର୍ତ୍ତନାଦି ଭକ୍ତିଅଙ୍ଗର ଅନୁଷ୍ଠାନରେ ପ୍ରବୃତ୍ତ ହୁଅନ୍ତି (ଉପଯୁକ୍ତ ପଦ୍ଧତିକୁ ଅବଲମ୍ବନ କରନ୍ତି) ତାହାଙ୍କ କାନ ଓ ଜିହ୍ୱା ଆଦି ଇନ୍ଦ୍ରିୟରେ ଶ୍ରବଣ କୀର୍ତ୍ତନାଦି ଅଙ୍ଗ ସମୂହ ସ୍ୱୟଂ ହିଁ ପ୍ରକାଶିତ ହୁଅନ୍ତି ।

ଯେହେତୁ ଭକ୍ତି ଭଗବାନଙ୍କ ସ୍ୱରୂପ ଶକ୍ତିର ଏକ ବୃତ୍ତିବିଶେଷ ଅଟେ । ଏହାକୁ ଭାବଭକ୍ତି ପ୍ରସଙ୍ଗରେ ନିରୂପଣ କରାଯିବ ।

**ପ୍ରେମ ଆବିର୍ଭାବର କ୍ରମ :**

ଆଦୌ ଶ୍ରଦ୍ଧା ତତଃ ସାଧୁସଙ୍ଗୋଽଥ ଭଜନକ୍ରିୟା ।
ତତୋଽନର୍ଥନିବୃତ୍ତିଃ ସ୍ୟାତ୍ ତତୋ ନିଷ୍ଠା ରୁଚିସ୍ତତଃ ।।
ଅଥାସକ୍ତିସ୍ତତୋ ଭାବସ୍ତତଃ ପ୍ରେମାଭ୍ୟୁଦଞ୍ଚତି ।
ସାଦକାନାମୟଂ ପ୍ରେମ୍ଣାଃ ପ୍ରାଦୁର୍ଭାବେ ଭବେତ୍ କ୍ରମଃ ।୩।

ଅତ୍ର ବହୁଷ୍ୱପି କ୍ରମେଷୁ ସତ୍ସୁ ପ୍ରାୟିକମେକଂ କ୍ରମମାହ - ଆଦାବିତିଦ୍ୱୟେନ । ଆଦୀ ପ୍ରଥମଂ ସାଧୁସଙ୍ଗେ ଶାସ୍ତ୍ରଶ୍ରବଣ ଦ୍ୱାରା ଶ୍ରଦ୍ଧା ତଦର୍ଥ-ବିଶ୍ୱାସଃ । ତତଃ ଶ୍ରଦ୍ଧାନନ୍ତରଂ ଦ୍ୱିତୀୟ। ସାଧୁସଙ୍ଗଃ ଭଜନରୀତିଶିକ୍ଷାର୍ଥମ୍ । ନିଷ୍ଠା ଭଜନେ ଅବିକ୍ଷେପେଣ ସାତତ୍ୟଂ, ରୁଚିରଭିଳାଷଃ କିନ୍ତୁ ବୁଦ୍ଧିପୂର୍ବିକେୟଂ । ଆସକ୍ତିସ୍ତୁ ସ୍ୱାରସିକୀ ସ୍ୱାଭାବିକୀତ୍ୟର୍ଥଃ । ଏତେନ ନିଷ୍ଠାସକ୍ତ୍ୟୋର୍ଭେଦୋ ଜ୍ଞେୟଃ ।।

**ଶ୍ରୀବିନ୍ଦୁ-ବିକାଶନୀ-ବୃତ୍ତି-**

ପ୍ରେମ ଆବିର୍ଭାବର ବହୁତ କ୍ରମ ରହିଛି । ସେଥିମଧ୍ୟରୁ ଶାସ୍ତ୍ରରେ ବର୍ଣ୍ଣିତ ପ୍ରସିଦ୍ଧ କ୍ରମର ବର୍ଣ୍ଣନା ଏଠାରେ କରାଯାଉଅଛି । ଭଗବଦ୍‌ବିମୁଖ ଜୀବ ଅନାଦି କାଳରୁ ଅପାର ସଂସାର - ସାଗରର ଅନନ୍ତ ପ୍ରବାହରେ ପଡ଼ି ବହୁ ପ୍ରକାର ଯୋନିରେ ଭ୍ରମଣ କରୁଛି । ଭଗବାନଙ୍କର ବିଶେଷ କୃପାରୁ ତାହାର ସଂସାର ଦଶା କ୍ଷୟୋନ୍ମୁଖ ହେଲେ, ତାକୁ ଭଗବତ୍-ଭକ୍ତଙ୍କ ସଙ୍ଗ (ସାନ୍ନିଧ୍ୟ) ମିଳେ । ସାଧୁସଙ୍ଗରେ ମହାପୁରୁଷମାନଙ୍କ ଶ୍ରୀମୁଖରୁ ଭକ୍ତ, ଭକ୍ତି ଓ ଭଗବାନଙ୍କ ବିଷୟରେ ମାହାତ୍ମ୍ୟପୂର୍ଣ୍ଣ ଶାସ୍ତ୍ର - କଥା ଶ୍ରବଣର ସୌଭାଗ୍ୟ ମିଳେ । (୧) ଶାସ୍ତ୍ର - ଶ୍ରବଣ ଦ୍ୱାରା ତା' ମନରେ ପାରମର୍ଥିକ ଶୁଦ୍ଧ ଶ୍ରଦ୍ଧାର ଆବିର୍ଭାବ ହୁଏ । ଏଠାରେ ଶ୍ରଦ୍ଧା ଶବଦର ଅର୍ଥ ହେଉଛି, ଶ୍ରୀମଦ୍ ଭଗବଦ୍ଗୀତା, ଶ୍ରୀମଭାଗବତ, ଭକ୍ତିରସାମୃତ ସିନ୍ଧୁ ଆଦି ଭକ୍ତିଶାସ୍ତ୍ରର ଅର୍ଥରେ ଦୃଢ଼ବିଶ୍ୱାସ । (୨) ଏପରି ଶ୍ରଦ୍ଧା ଉତ୍ପନ୍ନ ହେଲେ ଦ୍ୱିତୀୟ ବାର ସାଧୁସଙ୍ଗ ମିଳେ । ତାହା ଦ୍ୱାରା ଭଜନର ରୀତି ସମ୍ବନ୍ଧରେ ଶିକ୍ଷାର ଆରମ୍ଭ ହୁଏ । (୩) ତା' ପରେ ଗୁରୁପଦାଶ୍ରୟ ଆଦି ଭଜନ-କ୍ରିୟା ଆରମ୍ଭ ହୁଏ । (୪) ଏହିପରି ଭଜନ କରୁ କରୁ ତା'ର ଅନର୍ଥମାନ ନିବୃତ୍ତ ହୁଏ । (୫) ଅନର୍ଥ-ନିବୃତ୍ତିର ତାରତମ୍ୟ ଅନୁସାରେ ନିଷ୍ଠା ଅର୍ଥାତ୍ ବିକ୍ଷେପ-ରହିତ ଭଜନରେ ନୈରନ୍ତର୍ଯ୍ୟମୟୀ ଏକାଗ୍ରତା ଉଦିତ ହୁଏ । ତା'ପରେ ଭଜନରେ ରୁଚି ଅର୍ଥାତ ଲାଳସା ଉତ୍ପନ୍ନ ହୁଏ । (୭) ସେହି ରୁଚି ପ୍ରଗାଢ଼ ହେଲେ ତାହାକୁ ଆସକ୍ତି କୁହାଯାଏ । ପୂର୍ବୋକ୍ତ ନିଷ୍ଠା ଓ ଆସକ୍ତିରେ ଅନ୍ତର ବା ଭେଦ ଏତିକି ଯେ, ନିଷ୍ଠା ବୁଦ୍ଧିପୂର୍ବକ ହୁଏ, ଅର୍ଥାତ ମନ ନ ଲାଗିଲେ ମଧ୍ୟ ବୁଦ୍ଧି ପୂର୍ବକ ଭଜନରେ ତତ୍ପର ରହିବାକୁ ନିଷ୍ଠା କୁହାଯାଏ । ଅନ୍ୟ ପକ୍ଷରେ ଆସକ୍ତି ସ୍ୱାଭାବିକୀ ହୁଏ, ଅର୍ଥାତ ଯେଉଁ ସ୍ଥିତିରେ ପହଞ୍ଚିଲେ ସାଧକକୁ ଆଉ ବୁଦ୍ଧିଦ୍ୱାରା କୌଣସି ଯୁକ୍ତି ଇତ୍ୟାଦିର ଅପେକ୍ଷା କରିବାକୁ

ହୁଏନା, ସ୍ୱାଭାବିକ ରୂପେ ହିଁ ସେ ଭଜନରେ ଅଭିନିବିଷ୍ଟ ହୁଏ । ସେହି ସ୍ଥିତିକୁ ଆସକ୍ତି କୁହାଯାଏ । (୮) ସେହି ଆସକ୍ତି ପରେ ଭାବର ବା ରତିର ଆବିର୍ଭାବ ହୁଏ । ଶେଷରେ ତାହା କ୍ରମଶଃ ବଢ଼ି ବଢ଼ି ପ୍ରେମର ଆର୍ବିଭାବ ହୁଏ । ସାଧକମାନଙ୍କ ହୃଦୟରେ ପ୍ରେମ ଆର୍ବିଭାବର ଏହି ହେଉଛି କ୍ରମ ।

ପ୍ରେମାବିର୍ଭାବ ପ୍ରସଙ୍ଗରେ ଆଉ କିଛି ଅଧିକ ସ୍ପଷ୍ଟ କରିବା ଆବଶ୍ୟକ । ମୂଳ ଶ୍ଳୋକରେ ଆଦୌ ଶବ୍ଦ ଦ୍ୱାରା ପ୍ରଥମ ସାଧୁସଙ୍ଗର ବୋଧ ହୁଏ । ସେହିସଙ୍ଗ ହଠାତ୍ ପ୍ରାପ୍ତ ହୁଏ ନାହିଁ । ଜନ୍ମଜନ୍ମାନ୍ତରର ସଞ୍ଚିତ ସୁକୃତି ଫଳରେ ହିଁ ସାଧୁସଙ୍ଗ ମିଳିଥାଏ । 'ବୃହନ୍ନାରଦୀୟ ପୁରାଣ'ରେ କୁହାଯାଇଛି

ଭକ୍ତିସ୍ତୁ ଭଗବଦ୍‌ଭକ୍ତସଙ୍ଗେନ ପରିଜାୟତେ ।

ସତ୍‌ସଙ୍ଗଃ ପ୍ରାପ୍ୟତେ ପୁଂଭିଃ ସୁକୃତୈଃ ପୂର୍ବସଞ୍ଚିତୈଃ ।।

ଶାସ୍ତ୍ରକାରମାନେ ଶୁଭକର୍ମର ଆଚରଣକୁ 'ସୁକୃତ' ବୋଲି କହିଥାନ୍ତି । ଶୁଭକର୍ମ ଦୁଇ ପ୍ରକାର, ଯଥା - ଭକ୍ତିପ୍ରବର୍ତ୍ତକ ଓ ଭକ୍ତିବ୍ୟତୀତ ଅବାନ୍ତର ଫଳ ପ୍ରବର୍ତ୍ତକ । ମାତା-ପିତା, ପତି ଆଦିଙ୍କ ସେବା, ଲୌକିକ ଉପକାର, ଦାନ ଆଦି ନିତ୍ୟ-ନୈମିତ୍ତିକ କର୍ମ, ସାଂଖ୍ୟାଦି ଜ୍ଞାନ - ଏହିସବୁ ଦ୍ୱାରା ଅବାନ୍ତର ଫଳପ୍ରଦ ସୁକୃତି ହୁଏ । ସାଧୁସଙ୍ଗ ଓ ଭକ୍ତି - ସମ୍ବନ୍ଧିତ ଦେଶ-କାଳ ଏବଂ ଦ୍ରବ୍ୟର ସମ୍ପର୍କରୁ ପାରମାର୍ଥିକ ଅର୍ଥାତ୍ ଭକ୍ତିପ୍ରଦ ସୁକୃତି ହୁଏ । ଭକ୍ତିପ୍ରଦ - ସୁକୃତି ଜନ୍ମ -ଜନ୍ମାନ୍ତରରେ ରାଶି-ରାଶି ହୋଇ ଏକତ୍ରିତ ହେଲେ ସାଧୁସଙ୍ଗ ମାଧ୍ୟମରେ ଭକ୍ତି ପ୍ରାଦୁର୍ଭୂତ ହୁଏ । ଲୌକିକ ସୁକୃତିମାନ ଅଭିଳଷିତ ଫଳସବୁକୁ ଦେଇ ଶେଷ ହୋଇଯାଏ । ଲୌକିକ ସୁକୃତିର ଫଳ ଭୋଗଦାନ ପର୍ଯ୍ୟନ୍ତ ସୀମିତ ଅଟେ । ବ୍ରହ୍ମଜ୍ଞାନ-ମୂଳକ ସୁକୃତି ମୁକ୍ତିରୂପ ଫଳକୁ ଦେଇ ନିରସ୍ତ ହୁଏ । ଏହି ଉଭୟ ପ୍ରକାର ସୁକୃତି ଭକ୍ତିରୂପ ଫଳକୁ ଦେବାରେ ସର୍ବଥା ଅସମର୍ଥ । ବୈଷ୍ଣବ-ସାଧୁଭକ୍ତଙ୍କ ସଙ୍ଗ, ଏକାଦଶୀ, ଜନ୍ମାଷ୍ଟମୀ, ଗୌରପୂର୍ଣ୍ଣିମା ଆଦି ସାଧୁଭାବ - ଜନକ- କାଳ, ତୁଳସୀ, ଶ୍ରୀମନ୍ଦିର, ଶ୍ରୀବୃନ୍ଦାବନ ଆଦି ଭଗବଦ୍ ଧାମ, ମହାପ୍ରସାଦ, ଗଙ୍ଗା ଯମୁନା ଆଦିଙ୍କ ଦର୍ଶନ-ସ୍ପର୍ଶନ ଇତ୍ୟାଦି କ୍ରିୟାମାନଙ୍କ ଦ୍ୱାରା ଭକ୍ତିପ୍ରଦ ସୁକୃତି ହୁଏ । ଅଜାଣତରେ ଏହି କ୍ରିୟାମାନ ହେଲେ ସୁକୃତି ହୁଏ, କିନ୍ତୁ ଭକ୍ତଙ୍କ ସଙ୍ଗରେ ସେ ସବୁର ମାହାତ୍ମ୍ୟକୁ ବୁଝି ସେହି ସବୁ କ୍ରିୟାମାନଙ୍କୁ କଲେ ତାହା ଭକ୍ତିର ଅଙ୍ଗ ହୋଇଯାଏ । 'ଶ୍ରୀଚୈତନ୍ୟଚରିତାମୃତ' (ମଧ୍ୟ ୨୨/୬୨)ରେ କୁହାଯାଇଛି -

'ଶ୍ରଦ୍ଧା- ଶବ୍ଦେ ବିଶ୍ୱାସ କହେ ସୁଦୃଢ଼ ନିଶ୍ଚୟ । କୃଷ୍ଣେ ଭକ୍ତି କୈଲେ ସର୍ବକର୍ମ କୃତ ହୟ ।।

ଅର୍ଥାତ୍ କୃଷ୍ଣଙ୍କୁ ଭକ୍ତି କଲେ ମନୁଷ୍ୟ ଜୀବନର ସବୁକିଛି କରିବା ହୋଇଯାଏ; ଏପରି ସୁଦୃଢ଼ ନିଶ୍ଚୟାତ୍ମକ ବିଶ୍ୱାସର ନାମ ହେଉଛି ଶ୍ରଦ୍ଧା ।

**'ଶ୍ରଦ୍ଧାତ୍ୱନ୍ୟୋପାୟ-ବର୍ଜଂ ଭକ୍ତ୍ୟୁନ୍ମୁଖୀ ଚିତ୍ତବୃତ୍ତି ବିଶେଷ ।'**

(ଆମ୍ନାୟ - ସୂତ୍ର)

ଅର୍ଥାତ୍ ଜ୍ଞାନ, କର୍ମ, ଯୋଗାଦି ଅନ୍ୟାନ୍ୟ ସାଧନରୂପୀ ଉପାୟକୁ ଛାଡ଼ି କେବଳ କୃଷ୍ଣଙ୍କ ପ୍ରତି ଉନ୍ମୁଖ ଥିବା ଚିତ୍ତବୃତ୍ତି ବିଶେଷକୁ ଶ୍ରଦ୍ଧା କୁହାଯାଏ ।

ସାଧୁସଙ୍ଗ ଦ୍ୱାରା ସାଧକର ହୃଦୟରେ ଭକ୍ତିଲତାର ବୀଜ - ଶ୍ରଦ୍ଧା ଉଦିତ ହୁଏ । 'ଶ୍ରୀଚୈତନ୍ୟଚରିତାମୃତ'ରେ ଏପରି ଉଲ୍ଲେଖ ଅଛି ।-

**କୃଷ୍ଣଭକ୍ତି ଜନ୍ମମୂଳ ହୟ 'ସାଧୁସଙ୍ଗ' ।**
**କୃଷ୍ଣପ୍ରେମ ଜନ୍ମେ, ତେଁହୋ ପୁନଃ ମୁଖ୍ୟ ଅଙ୍ଗ ।।** (ଚୈ. ଚ. ମଧ୍ୟ. ୨୨/୮୦)

ସାଧୁସଙ୍ଗ ହିଁ କୃଷ୍ଣଭକ୍ତିର ଜନ୍ମସ୍ଥାନ; ସେହି ସାଧୁସଙ୍ଗ କୃଷ୍ଣଭକ୍ତିକୁ (ସାଧନଭକ୍ତିକୁ) ଶ୍ରବଣ-କୀର୍ତ୍ତନ ରୂପକ ଜଳ ସିଞ୍ଚନ ଦ୍ୱାରା କୃଷ୍ଣପ୍ରେମରେ ପରିଣତ କରିଦିଏ । 'ଚୈତନ୍ୟଚରିତାମୃତ'ରେ କୁହାଯାଇଛି-

**ବ୍ରହ୍ମାଣ୍ଡ ଭ୍ରମିତେ କୋନ ଭାଗ୍ୟବାନ୍ ଜୀବ ।**
**ଗୁରୁ-କୃଷ୍ଣ-ପ୍ରସାଦେ ପାୟ ଭକ୍ତିଲତା ବୀଜ ।।** (ଚୈ.ଚ. ମଧ୍ୟ ୧୯/୧୫୧)

ବିଭିନ୍ନ ବ୍ରହ୍ମାଣ୍ଡରେ ଭ୍ରମଣ କରୁ କରୁ କେହି କେହି ସୌଭାଗ୍ୟବାନ୍ ଜୀବ ଶ୍ରୀଗୁରୁ ଓ ଶ୍ରୀକୃଷ୍ଣଙ୍କ ଅହୈତୁକୀ କୃପା ବଳରେ ଭକ୍ତିଲତାର ବୀଜ ସ୍ୱରୂପ ଶ୍ରଦ୍ଧାକୁ ପାଏ ।

**କୋନଭାଗ୍ୟେ କାରୋ ସଂସାର କ୍ଷୟୋନ୍ମୁଖ ହୟ ।**
**ସାଧୁସଙ୍ଗେ ତରେ, କୃଷ୍ଣ ରତି ଉପଜୟ ।।** (ଚୈ.ଚ.ମଧ୍ୟ ୨୨/୪୫)

ସଂସାରରେ ଭ୍ରମଣ କରୁ କରୁ କୌଣସି ଜୀବର ସଂସାର କ୍ଷୟୋନ୍ମୁଖ ହେଲେ, ଭଗବତ୍ କୃପାରୁ ତାକୁ ସାଧୁସଙ୍ଗ ମିଳେ । ସେହି ସାଧୁସଙ୍ଗ ଦ୍ୱାରା କୃଷ୍ଣଭକ୍ତି ପ୍ରତି ତା'ର କ୍ରମଶଃ ଶ୍ରଦ୍ଧା, ନିଷ୍ଠା, ରୁଚି, ଆସକ୍ତି ଓ ରତି ଉଦିତ ହୁଏ ।

**କୃଷ୍ଣ ଯଦି କୃପା କରେ କୋନ୍ ଭାଗ୍ୟବାନେ ।**
**ଗୁରୁ-ଅନ୍ତର୍ଯ୍ୟାମୀ-ରୂପେ ଶିଖାୟ ଆପନେ ।।** (ଚୈ. ଚ. ମଧ୍ୟ ୨୨/୪୭)

କୃଷ୍ଣ ଯଦି କୌଣସି ଭାଗ୍ୟବାନ୍ ଜୀବ ପ୍ରତି କୃପା କରନ୍ତି, ତେବେ ସେ ଗୁରୁ ଓ ଅନ୍ତର୍ଯ୍ୟାମୀ (ଚୈତ୍ୟଗୁରୁ) ରୂପେ ପ୍ରେରଣା ଦିଅନ୍ତି ତଥା ମହାନ୍ତମଗୁରୁ ଅର୍ଥାତ୍ ଶିକ୍ଷା-ଦୀକ୍ଷା ଗୁରୁ ରୂପେ ସ୍ୱୟଂ ହିଁ ତାହାକୁ ଭଜନ-ଶିକ୍ଷା ଦିଅନ୍ତି ।

**ଶ୍ରଦ୍ଧାବାନ ଜନ ହୟ ଭକ୍ତି ଅଧିକାରୀ ।**
**'ଉତ୍ତମ', 'ମଧ୍ୟମ', 'କନିଷ୍ଠ' ଶ୍ରଦ୍ଧା ଅନୁସାରୀ ।।** (ଚୈ. ଚ. ମଧ୍ୟ. ୨୨/୬୪)

ଶ୍ରଦ୍ଧାବାନ ବ୍ୟକ୍ତି ହିଁ ଭକ୍ତିର ଅଧିକାରୀ ହୁଏ । ଶ୍ରଦ୍ଧାର ତାରତମ୍ୟ ଅନୁସାରେ ଭକ୍ତ ଉତ୍ତମ, ମଧ୍ୟମ, ଓ କନିଷ୍ଠ ଅଧିକାରକୁ ପାଏ । ଯଥା- ଅଳ୍ପଶ୍ରଦ୍ଧାଯୁକ୍ତ ଭକ୍ତକୁ କନିଷ୍ଠଭକ୍ତ, ମଧ୍ୟମ-ଶ୍ରଦ୍ଧାଯୁକ୍ତ ଭକ୍ତକୁ ମଧ୍ୟମ ଭକ୍ତ ଓ ଉତ୍ତମ ଶ୍ରଦ୍ଧାଯୁକ୍ତ ଭକ୍ତକୁ ଉତ୍ତମଭକ୍ତ ବା ମହାଭାଗବତ କୁହାଯାଏ । ***କ୍ରମଶଃ***